# ୫୪ ଆଦିବାସୀ ମହିଳାଙ୍କୁ ଠକିଲେ ଯୁବକ

## ଥାନାରେ ଅଭିଯୋଗ, ପୋଲିସ ତଦନ୍ତ ଆରମ୍ଭ

**ଛତିଆ,୯।୭(ସୌମ୍ୟ ରଞ୍ଜନ ସାହୁ):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସମିଆ ପଞ୍ଚାୟତ ସାତମାଣ ଗ୍ରାମର ୫୪ ଜଣ ଆଦିବାସୀ ମହିଳା ଋଣ ଠକେଇର ଶିକାର ହୋଇଛନ୍ତି। ଏନେଇ ସେମାନେ ବୈରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଗ୍ରାମର ବୁଲା ସାମଲ ନାକ ଜଣେ ଯୁବକ ଏକ ଫାଇନାନ୍ସ କମ୍ପାନୀରୁ ଋଣ କରାଇଦେବାକୁ କହି ଗ୍ରାମର ମହିଳାମାନଙ୍କଠାରୁ ବିଭିନ୍ନ କାଗଜରେ ଟିପ୍ପ ଓ ଦସ୍ତଖତ କରାଇ ନେଇଥିଲେ। ପରେ ଫାଇନାନ୍ସ ସଂସ୍ଥା ପକ୍ଷରୁ ପ୍ରତ୍ୟେକ ମହିଳାଙ୍କ ଖାତାକୁ ୪୦ ହଜାର ଟଙ୍କା ଲେଖାଏ ଆସିଥିଲା। ଏହାପରେ ସମ୍ପୃକ୍ତ ଯୁବକ ପହଞ୍ଚି ତାଙ୍କର ଜରୁରୀ ଟଙ୍କା ଦରକାର ଅଛି ବୋଲି କହି ମହିଳାମାନଙ୍କଠାରୁ ସବୁ ଟଙ୍କା ନେଇ ଯାଇଥିଲେ। ଏପରି କି ସେମାନଙ୍କୁ ଆଉ ଏହି ଟଙ୍କା ଶୁଝିବାକୁ ପଡ଼ିବ ନାହିଁ ବୋଲି ଭରସା ଦେଇଥିଲେ। ସମ୍ପୃକ୍ତ ଯୁବକଙ୍କ କଥାରେ ରାଜି ହୋଇ ମହିଳାମାନେ ଟଙ୍କା ଉଠାଇ ଦେଇ ଦେଇଥିଲେ। ମାତ୍ର ଋଣ ଶୁଝା ନ ଯିବାରୁ କିଛିଦିନ ପରେ ସମ୍ପୃକ୍ତ ଫାଇନାନ୍ସ ସଂସ୍ଥାର କର୍ମଚାରୀମାନେ ମହିଳାମାନଙ୍କ ଘରେ ପହଞ୍ଚି ଋଣ ଟଙ୍କା ଶୁଝିବାକୁ କହିଥିଲେ। ହେଲେ ଋଣ ବିଷୟରେ ମହିଳାମାନେ କିଛି ଜାଣି ନ ଥିବା କହିବା ସହ ଟଙ୍କା ଦେବେନାହିଁ ବୋଲି କହିଥିଲେ। ଫଳରେ ଫାଇନାନ୍ସ ସଂସ୍ଥାର କର୍ମଚାରୀ ଓ ମହିଳାମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଜୁନ ୧୬ରେ ମହିଳାମାନେ ଠକେଇ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ପଡ଼ୋଶୀ ଗ୍ରାମ ଟାଙ୍ଗୀ ଥାନା ଅନ୍ତର୍ଗତ ଡାହାଣୀ ଗଡ଼ିଆର କେତେଜଣ ମହିଳାଙ୍କଠାରୁ ସମ୍ପୃକ୍ତ ବ୍ୟକ୍ତି ଲକ୍ଷାଧିକ ଟଙ୍କା ଲୁଟ୍ କରିଥିବା ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଛି। ପୋଲିସ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ନ୍ୟାୟ ପ୍ରଦାନ କରିବାକୁ ମହିମଳାମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଯୁବକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

**ରସୁଲପୁର,୯।୭(ରଞ୍ଜିତ ରାଉତ):**



ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଶର୍ମିଳା ପଣ୍ଡା(୪୨)। ଧର୍ମଶାଳା ପୋଲିସ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶର୍ମିଳା ମଙ୍ଗଳବାର ଭୋର ସମୟରେ ଫୁଲ ତୋଳିବାକୁ ଯାଇଥିଲେ। ଫୁଲ ତୋଳୁଥିବା ସମୟରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ସେ ଏକଥା ଜାଣିବା ପରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ ମହିଳାଙ୍କ ୩ ଝିଅ ଓ ଗୋଟିଏ ପୁଅ ଅଛନ୍ତି।

### ଟଙ୍କା ଭର୍ତ୍ତି ବ୍ୟାଗ୍ ଚୋରି

**ରସୁଲପୁର,୯।୭(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମୂଳାପାଳ ନିକଟ ଏକ ଘରୁ ଟଙ୍କା ଭର୍ତ୍ତି ବ୍ୟାଗ ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ନଂ.୩୦୫।୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଯାଜପୁର ସଦର ଥାନା ଅଞ୍ଚଳର ଜଣେ ଯୁବକ ମୂଳାପାଳସ୍ଥିତ ବନ୍ଧୁ ଘରକୁ ଆସିଥିଲେ। ସେ ତାଙ୍କ ସାଙ୍ଗରେ ୧୫ହଜାର ଟଙ୍କା ସହିତ କେତେକ ଜରୁରୀ କାଗଜପତ୍ର ଭର୍ତ୍ତିଥିବା ବ୍ୟାଗ ଆଣି ଆସିଥିଲେ। ଶୁକ୍ରବାର ରାତିରେ ବନ୍ଧୁଘରୁ କେହି ତାଙ୍କ ବ୍ୟାଗଟି ଚୋରି କରି ନେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

### କୁଆଖିଆ ପରିବା ବଜାରରୁ ବାଇକ୍ ଚୋରି

**ରସୁଲପୁର,୯।୭(ରଂଜିତ ରାଉତ):**

କୁଆଖିଆ ପରିବା ବଜାରରୁ ସୋମବାର ରାତି ପ୍ରାୟ ୮ଟାରେ ଏକ ବାଇକ୍ ଚୋରି ହୋଇଛି। ଏନେଇ କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ସଦାନନ୍ଦପୁର ଗ୍ରାମର ଅଜୟ କୁମାର ସାହୁ ଏହି ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ନଂ.୩୦୭/୨୪ ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅଜୟ ତାଙ୍କ ସ୍ପ୍ଲେଣ୍ଡର ବାଇକ ନଂ.ଓଆର-୦୪ଏଫ-୨୭୧୩କୁ ପରିବା ବଜାର ନିକଟରେ ରଖି ପରିବା କିଣୁଥିଲେ। ପରିବା କିଣି ଫେରିବା ବେଳକୁ ବାଇକ୍ ନ ଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଶେଷରେ ଥାନାକୁ ଯାଇ ଅଭିଯୋଗ କରିଥିଲେ।

# ଆଇପିଏସ୍ ଉତ୍ତୀର୍ଣ୍ଣ ୨୫ ପ୍ରଶିକ୍ଷାର୍ଥୀଙ୍କ ରତ୍ନଗିରି ପରିଦର୍ଶନ



ରତ୍ନଗିରି ପରିଦର୍ଶନରେ ଆସିଥିବା ଆଇପିଏସ୍ ପ୍ରଶିକ୍ଷାର୍ଥୀମାନେ ।

**ବରୀ,୯।୭(ମହେନ୍ଦ୍ର ସ୍ୱାଇଁ):**

ସର୍ବଭାରତୀୟ ପୋଲିସ ସେବା(ଆଇପିଏସ୍)ରେ ଉତ୍ତୀର୍ଣ୍ଣ ହୋଇ ପ୍ରଶିକ୍ଷଣ ଗ୍ରହଣ କରୁଥିବା ୨୫ ଜଣ ପ୍ରଶିକ୍ଷାର୍ଥୀ ରତ୍ନଗିରି, ଉଦୟଗିରି ଓ ଲଳିତଗିରି ପରିଦର୍ଶନ କରିଛନ୍ତି। ସେମାନେ ମଙ୍ଗଳବାର ପୂର୍ବାହ୍ନରେ ରତ୍ନଗିରିରେ ପହଞ୍ଚିବାପରେ ଯାଜପୁର ଜିଲା ପ୍ରଶାସନ, ବରୀ ବ୍ଲକ ପ୍ରଶାସନ ଓ ବରୀ ପୋଲିସ ପକ୍ଷରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ସେମାନେ ବରୀର ଐତିହ୍ୟ, ବୌଦ୍ଧ କୀର୍ତ୍ତିରାଜିର ଇତିହାସ ଓ ଏ ଅଞ୍ଚଳର ପରମ୍ପରା ବିଷୟରେ ଯାଜପୁର ଜିଲା ପରିଷଦର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରାଙ୍କଠାରୁ ଅବଗତ ହୋଇଥିଲେ। ଏଭଳି ଏକ ସ୍ଥାନ ପରିଦର୍ଶନ ସେମାନଙ୍କ ପାଇଁ ଚାକିରି ଜୀବନରେ ଶାନ୍ତି, ମୈତ୍ରୀ ଓ ଅହିଂସାର ବାର୍ତ୍ତା ହେବ ବୋଲି ପ୍ରଶିକ୍ଷାର୍ଥୀମାନେ ଗଣମାଧ୍ୟକୁ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବେହୁରାଙ୍କ ସମେତ ଜିଲା ପର୍ଯ୍ୟଟନ ଅଧିକାରୀ ହିମାଳୟା ତ୍ରିପାଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ଶତପଥୀ, ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ପଞ୍ଚାନନ ମଲିକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଲକ୍ଷ୍ମୀକାନ୍ତ ମହାରଣା, ବରୀ ଥାନା ଅଧିକାରୀ ପ୍ରକାଶ କୁମାର ସାହୁ, ବଡ଼ଚଣା ଥାନା ଅଧକାରୀ ପ୍ରଭାତ ସାହୁଙ୍କ ସମେତ ସ୍ଥାନୀୟ ମାର୍ଗଦର୍ଶକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲୀପ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମକରଧ୍ୱଜ ସାହୁ ଓ ଅଭିରାମ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପ୍ରଶିକ୍ଷାର୍ଥୀ ବୌଦ୍ଧ ପୀଠ ଉଦୟଗିରି ଓ ଲଳିତଗିରି ପରିଦର୍ଶନ ଅଭିମୁଖେ ଯାଇଥିଲେ।

### ଦୁର୍ଘଟଣାରେ କ୍ରିକେଟ ଖେଳାଳି ମୃତ

**ଗୋପବନ୍ଧୁ ନଗର,୯।୭(ଶାନ୍ତନୁ କୁମାର ମଢୁଆଳ)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ବରଡିହି ପଞ୍ଚାୟତ ଅନ୍ତର୍ଗତ ଅଙ୍କୁରପୁରର ଯୁବ କ୍ରିକେଟ ଖେଳାଳି ତଥା ଅବସର ପ୍ରାପ୍ତ ଶିକ୍ଷକ ମହେଶ୍ୱର ଦ୍ୱିବେଦୀଙ୍କ ପୁଅ ଶୁଭଦତ୍ତ (୨୮)ଙ୍କ ସୋମବାର ରାତି ପ୍ରାୟ ୯ଟା ସମୟରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଉଦଳାରୁ କନ୍ହେଇବନ୍ଧ ଯାଉଥିବା ବେଳେ ଉଦଳା-ବାରିପଦା ରାସ୍ତାରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଉଦଳା ଓ ପରେ ବାରିପଦା ଚିକିତ୍ସା ପାଇଁ ନିଆଯାଇଥିଲା । ମାତ୍ର ବାରିପଦାରୁ କଟକ ସ୍ଥାନାନ୍ତର କରିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ନିଜ ପଞ୍ଚାୟତରେ ଥିବା କାଳ ଭୈରବୀ ନାମକ ଏକ କ୍ରିକେଟ ଦଳର ଅଧିନାୟକ ଥିଲେ। ଜଣେ ଭଲ ଖେଳାଳି ହୋଇଥିବାରୁ ଜିଲାର ବିଭିନ୍ନ ଅଞ୍ଚଳକୁ ସେ ମ୍ୟାଚ ଖେଳିବା ପାଇଁ ଯାଇଥାନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଶ୍ରମିକ ମୃତ

**ଠାକୁରମୁଣ୍ଡା,୯।୭(ତାରାକାନ୍ତ ପଟ୍ଟନାୟକ)**

ଠାକୁରମୁଣ୍ଡା ବ୍ଲକ ସୀମାନ୍ତ ଆନନ୍ଦପୁର ଥାନା ଅନ୍ତର୍ଗତ ଗାୟଳମୁଣ୍ଡା ପଞ୍ଚାୟତ ଉଳିବସା ଗ୍ରାମରେ ମଙ୍ଗଳବାର ରାସ୍ତା କାମରେ ନିୟୋଜିତ ଜଣେ ଶ୍ରମିକଙ୍କ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଲେ କଟକ ଜିଲା ଟାଙ୍ଗି ଥାନା ଅନ୍ତର୍ଗତ ଦୁଧିନାଳି ଗ୍ରାମର ବୁଧୁରାମ ଚାତାର।

### ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**ପାଟଣା,୯।୭ (ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଅଧୀନ ଦିଗପଶି ପଞ୍ଚାୟତ ଗାଏଁଶିରି ଗ୍ରାମର ଜଣେ ମହିଳା ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ମେଞ୍ଚାରୀ ମୁଣ୍ଡା(୨୪)। ଗତ ରବିବାର ମେଞ୍ଚାରୀ ପାରିବାରିକ କଳହରୁ ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ସାହାରପଡ଼ା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

# ବେଆଇନ ବାଲି ଗଚ୍ଛିତ ରଖି ବ୍ୟବସାୟ



ବ୍ୟବସାୟ ଲାଗି ବାଲି ଗଚ୍ଛିତ ରଖାଯାଇଛି ।

**ବରୀ,୯।୭(ମହେନ୍ଦ୍ର ସ୍ୱାଇଁ):**

## କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ତହସିଲ ପ୍ରଶାସନ

ବରୀ ତହସିଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନଭାବେ ବାଲି ଗଚ୍ଛିତ ରଖାଯାଇ ଲୋକଙ୍କୁ ଚଢ଼ାଦରରେ ବିକ୍ରି କରାଯାଉଛି। ହେଲେ ଏନେଇ ଅଭିଯୋଗ ହେଲେ ମଧ୍ୟ ତହସିଲ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତବାକ, ଉକ୍ତ ତହସିଲ ଅଧୀନ ଉଦୟନାଥପୁର ଗ୍ରାମରେ ଜଣେ ବ୍ୟକ୍ତି ଶହଶହ ଟ୍ରିପ ବାଲି ବେଆଇନ ଭାବେ ଗଚ୍ଛିତ ରଖି ବେପାର କରୁଛନ୍ତି। ବେଆଇନ ବାଲି ଗଚ୍ଛିତ ରଖିବା ଅଭିଯୋଗରେ ଗତବର୍ଷ ତହସିଲ ପ୍ରଶାସନ ତରଫରୁ ଚଢ଼ାଉ କରାଯାଇ ତାଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା ବୋଲି ରତଳାଙ୍ଗ ରାଜସ୍ୱ ନିରୀକ୍ଷକ ପ୍ରମିଳା ଜାମୁଣ୍ଡା ପ୍ରକାଶ କରିଛନ୍ତି। ଚଳିତ ବର୍ଷ ସମ୍ପୃକ୍ତ ବ୍ୟବସାୟୀ ୪ଟି ସ୍ଥାନରେ ଗୋଚର ଜାଗାରେ ବାଲି ଗଛିତ ରଖିଛନ୍ତି। ହେଲେ ତହସିଲ ପ୍ରଶାସନ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ମାତ୍ର ସେଠାରୁ ବାଲି ନେଇ ଆସୁଥିବା ଟ୍ରାକ୍ଟରକୁ ଅଟକାଇ ପ୍ରଶାସନ ଚାଲାଣ କାଟୁଛି। ସେହିପରି ତହସିଲ ଅଞ୍ଚଳର ଅନେକ ସ୍ଥାନରେ ଏଭଳି ବ୍ୟବସାୟ ଚାଲୁଥିବା ଅଭିଯୋଗ ହୋଇଛି। ଏ ଦିଗରେ ଜିଲାପଳ ସ୍ୱତନ୍ତ୍ର ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବରୀ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

# ଚାଷୀଙ୍କୁ ଧାନ ବିହନ ବଣ୍ଟନ



ବିଧାୟକ ହିମାଂଶୁ ଶେଖର ସାହୁ ଜଣେ ଚାଷୀଙ୍କୁ ଧାନ ବିହନ ବଣ୍ଟନ କରୁଛନ୍ତି ।

**ଧର୍ମଶାଳା,୯।୭(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ସୁନ୍ଦୂରିଆ ପଞ୍ଚାୟତରେ ଚାଷୀମାନଙ୍କୁ ଧାନ ବିହନ ବଣ୍ଟନ କରାଯାଇଛି। ଧର୍ମଶାଳା ଗୋଷ୍ଠୀ କୃଷି ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖହର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାଷୀମାନଙ୍କୁ ବିହନ ବଣ୍ଟନ କରିଥିଲେ। ଏଥିସହିତ ସରକାରଙ୍କ ପକ୍ଷରୁ କୃଷକମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା କିଭଳି ତଳସ୍ତରରେ ଚାଷୀମାନଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ସୁନ୍ଦୂରିଆ ସରପଞ୍ଚ ନିର୍ମଳ ଦାସ, ସମିତିସଭ୍ୟ ନିତ୍ୟାନନ୍ଦ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଜୀବନାନନ୍ଦ ପରିଡ଼ା, କୃଷି ଅଧିକାରୀ ଆଶିଷ କୁମାର ବେହେରା, କୃଷି ସହାୟକ କୃପାସିନ୍ଧୁ ମହାରଣା ଓ ସଞ୍ଜୟ କୁମାର ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ଭଡ଼ାଘରୁ ମହିଳାଙ୍କ ମୃତଦେହ ଜବତ, ସ୍ୱାମୀ ଅଟକ

**ଯାଜପୁରରୋଡ୍,୯।୭ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌର ପରିଷଦ ଅଧୀନ ୯ ନମ୍ବର ୱାର୍ଡର କନ୍ହେଇପୁର ଅଞ୍ଚଳର ଏକ ଭଡ଼ା ଘରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ମୃତ ମହିଳା ହେଲେ ହାରାମଣୀ ନାୟକ(୪୫)। ସେ ମୟୂରଭଞ୍ଜ ଜିଲା ଅଧୀନ ଠାକୁରମୁଣ୍ଡା ଅଞ୍ଚଳର ବୋଲି ଜଣାପଡ଼ିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

କନ୍ହେଇପୁର ଅଞ୍ଚଳର ଜିତେନ୍ଦ୍ର ଚିହ୍ନରା ନାମକ ବ୍ୟକ୍ତିଙ୍କଘରେ ୬ ମାସ ହେବ ହାରାମଣୀ, ତାଙ୍କ ସ୍ୱାମୀ ଗଙ୍ଗାଧର ନାୟକ ଓ ୪ ବର୍ଷର ଝିଅ ରହୁଥିଲେ। କିଛି ଦିନ ହେବ ସେମାନେ ଗାଁକୁ ଯାଇ ୮ ଦିନ ହେବ ଫେରିଥିଲେ। ତେବେ ୩/୪ ଦିନ ହେବ ହୀରାମଣୀଙ୍କୁ ଜ୍ୱର ହୋଇଥିଲା ବୋଲି ଘର ମାଲିକ କହିଛନ୍ତି। ସୋମବାର ରାତିରେ ସପରିବାର ସୋଇଥିବାବେଳେ ତାଙ୍କ ଶିଶୁ କନ୍ୟା ସ୍ଥାନ୍ୟପାନ କରିବାକୁ କାନ୍ଦିଥିଲେ। କିନ୍ତୁ ହୀରାମଣି ଉଠି ନ ଥିଲେ। ଗଙ୍ଗାଧର ମଧ୍ୟ ତାଙ୍କୁ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ମଙ୍ଗଳବାର ସକାଳୁ ଘର ମାଲିକ ଯାଜପୁର ରୋଡ୍ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘର ଚଟାଣରେ ମହିଳା ଜଣଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲା। ଏନେଇ ଥାନାରେ ନଂ.୨୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ସୂଚନା ଦେଇଛି।

# ଇମ୍ଫା କର୍ମଚାରୀଙ୍କ ଦୁଃଖ ଶୁଣିଲେ ମନ୍ତ୍ରୀ ବଳସାମନ୍ତ

## ୭ ବର୍ଷ ପରେ ଦରମା ବୃଦ୍ଧି ଘୋଷଣା

**କାଳିଆପାଣି,୯।୭(ଅସିତ ମହାନ୍ତ):**

ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ମଙ୍ଗଳବାର ଯାଜପୁର ଜିଲାର କାଳିଆପାଣି ଖଣି ଅଞ୍ଚଳ ପରିଶର୍ଦନ କରିଛନ୍ତି। ଏହି ସମୟରେ ଇମ୍ଫା କମ୍ପାନୀର କର୍ମଚାରୀ, ଶ୍ରମିକ ଓ ଭୂତଳ ଖଣି କର୍ମଚାରୀ ସମୂହ ତାଙ୍କୁ ଭେଟି ନିଜ ଦୁଃଖ ଜଣାଇଛନ୍ତି। ଏହାପରେ ମନ୍ତ୍ରୀଙ୍କ ଉପସ୍ଥିତିରେ ୭ ବର୍ଷ ପରେ ନିୟମିତ କର୍ମଚାରୀଙ୍କ ଦରମା ବୃଦ୍ଧି ପାଇଁ ଘୋଷଣା କରାଯାଇଛି। ମନ୍ତ୍ରୀ ଇମ୍ଫା କମ୍ପାନୀର ବରିଷ୍ଠ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଓ କର୍ମଚାରୀ ପ୍ରତିନିଧିଙ୍କ ସହ ଆଲୋଚନା କରିବା ପରେ ଗତ ମାର୍ଚ୍ଚ ମାସଠାରୁ ୪ ହଜାର ଟଙ୍କା ନିୟମିତ ବେତନରେ ମିଶାଇ ଦିଆଯିବା ପାଇଁ ସହମତି ହୋଇଛି।

ମନ୍ତ୍ରୀ ବଳସାମନ୍ତ ଖଣି ଅଞ୍ଚଳର ଟାଟା ଷ୍ଟିଲ୍ ସୁକିନ୍ଦା ଖଣି କଲୋନୀ ପରିସରରେ ଥିବା ମାଉସୀ ମା’ ମନ୍ଦିର ପହଞ୍ଚି ପ୍ରସାଦ ସେବନ କରିବା ପରେ ଇମ୍ଫା କମ୍ପାନୀ କର୍ମଚାରୀ ଓ ଶ୍ରମିକଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିଥିଲେ। ଲୋଡିଂ ଶ୍ରମିକମାନେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବାବେଳେ ସରକାରଙ୍କ ନିର୍ଦ୍ଧାରିତ ମଜୁରି ପାଉ ନ ଥିବାରୁ ବହୁ କଷ୍ଟରେ ନିଜ ପରିବାର ପ୍ରତିପୋଷଣ କରୁଥିବା ଅଭିଯୋଗ କରିଥିଲେ। ଏଥିସହିତ ଏହାର ସ୍ଥାୟୀ ସମାଧାନ କରିବାକୁ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ମନ୍ତ୍ରୀଙ୍କ ଖଣି ଅଞ୍ଚଳ ଗସ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଅମଳେନ୍ଦୁ ବେହୁରା, ଯୁବନେତା ବିଶ୍ୱଜିତ ରାଜ, ବେଣୁଧର ମହାନ୍ତ, ଯଦୁମଣି ମହାନ୍ତ, ଦିଲୀପ ପାତ୍ର, ନରୋତ୍ତମ ମହାନ୍ତ ଓ ମନୋଜ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।



ଇମ୍ଫା କମ୍ପାନୀ କର୍ମଚାରୀଙ୍କ ସହ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ।

# ରେଳ ଲାଇନ ପାର୍ଶ୍ୱ ରାସ୍ତାରୁ ମାଟି ଧସୁଛି

**ଯାଜପୁର,୯।୭(ହର୍ଷବର୍ଦ୍ଧନ ବେହେରା):**

ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନଠାରୁ ପ୍ରାୟ ୩୦୦ ମିଟର ଦୂର କଟକ ପଟକୁ ଗାନ୍ଧୀ କୁଷ୍ଠ କଲୋନୀ ସମ୍ମୁଖ ରେଳ ଲାଇନ ପାର୍ଶ୍ୱ ରାସ୍ତାରୁ ମାଟି ଧସିବା ଆରମ୍ଭ ହୋଇଛି। ତୁରନ୍ତ ଉକ୍ତ ସ୍ଥାନର ମରାମତି କରା ନ ଗଲେ ସେଠାରେ ରେଳ ଲାଇନ ଦୁର୍ବଳ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଯଦିଓ ସେଠାରେ ବାମପାର୍ଶ୍ୱ ତୃତୀୟ ଲାଇନ କାମ ଚାଲିଛି ଓ ରେଳ ଲାଇନ ପାର୍ଶ୍ୱରେ କଂକ୍ରିଟ ପାଚେରୀ ନିର୍ମାଣ ହୋଇଛି ତଥାପି ବିଭାଗୀୟ ଅଧିକାରୀଙ୍କ ଏଥିପ୍ରତି ଦୃଷ୍ଟି ନ ପଡିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୨୩ ଜୁନ୍ ୭ରେ ପ୍ରବଳ ପବନ ହେବାରୁ ସେଠାରେ ଦୀର୍ଘଦିନ ଧରି ଠିଆ ହୋଇଥିବା ଏକ ମାଲବାହୀ ଗାଡି ଗଡି ୬ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା।

କେନ୍ଦ୍ର ସରକାର ରେଳ ଲାଇନ ସମ୍ପ୍ରସାରଣ ଓ ସୁଦୃଢୀକରଣ ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ କେତେକ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ତେବେ ଠିକାସଂସ୍ଥାଗୁଡିକ ଲଘୁ ଖଣିଜ ଦ୍ରବ୍ୟ ଆଇନର ଉଲ୍ଲଂଘନ କରି ବହୁ ପରିମାଣର ବେଆଇନ ମୋରମ ଓ ମାଟି ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ନିକଟରେ ଥିବା ପର୍ଯ୍ୟଟନ ସ୍ଥଳ ବ୍ୟାସ ସରୋବର ଜଙ୍ଗଲ ଜମିରୁ ଦୈନିକ ବିପୁଳ ପରିମାଣର ମୋରମ ବେଆଇନ ଭାବେ ଉତ୍ତୋଳନ କରି ଉକ୍ତ ରେଳ ଲାଇନ କାର୍ଯ୍ୟରେ ବ୍ୟବହାର ହେଉଥିବା ଜିଲା ଲଘୁ ଖଣି ଉପନିର୍ଦ୍ଦେଶକଙ୍କଠାରେ ଅଭିଯୋଗ ହୋଇଥିଲା। ହେଲେ ଏଥିପ୍ରତି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସଂପୃକ୍ତ ରେଳୱେ ଠିକାସଂସ୍ଥା ବେଆଇନ ମୋରମ ବ୍ୟବହାର ନେଇ ରାଜସ୍ୱ ଫାଙ୍କିଥିବା ଅଭିଯୋଗ ହେଉଥିଲେ ହେଁ ପ୍ରଶାସନ ନୀରବ ରହିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ଉକ୍ତ ମୋରମ ଏବେ ରେଳୱେ ଲାଇନ ଉପରେ ବ୍ୟବହାର ହେଉଥିବାବେଳେ ମାଟି ଧସିବା ସ୍ଥାନରେ ମରାମତି କରିବାକୁ କେହି ଆଗଭର ହେଉ ନ ଥିବା ଅଭିଯୋଗ ହୋଇଛି।



ଗାନ୍ଧୀ କୁଷ୍ଠ କଲୋନୀ ସମ୍ମୁଖ ରେଳ ଲାଇନ ପାର୍ଶ୍ୱ ରାସ୍ତାରୁ ମାଟି ଧସିଛି ।

## ସଂକ୍ଷେପରେ

### ନୂତନ ଡିଲର ନିଯୁକ୍ତି ଦାବି

ରାଜନଗର, ୯।୭(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ସନ୍ଥପଡା ଗ୍ରାମର ଡିଲର ବାନାମ୍ବର ନାୟକଙ୍କ ମେ' ମାସରୁ ମୃତ୍ୟୁ ହୋଇଯିବା ପରେ ରାଶନ ସାମଗ୍ରୀ ଯୋଗାଣ ପାଇଁ ଗୋବିନ୍ଦପୁରର ବୁଢୀ ଜାଗୁଳାଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ସନ୍ଥପଡା ଗ୍ରାମବାସୀ ୧ କିମି ଦୂରରେ ଥିବା ଗୋବିନ୍ଦପୁରରୁ ଆସିବା ସମ୍ଭବ ହେଉନାହିଁ। ତେଣୁ ସନ୍ଥପଡା ଗାଁରେ ମା'ସିଦ୍ଧେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଡିଲର ଦାୟିତ୍ୱ ଦେବା ପାଇଁ ପ୍ରଭାବତୀ ଜେନା, ଦୀପ୍ତିମୟୀ ରାଉତ, ମିନାକ୍ଷୀ ରାଉତ, ପୁଷ୍ପଲତା ମାହୁନ୍ତ, ଦ୍ରୌପଦୀ ମାହୁନ୍ତ, ରୁକ୍ମଣୀ ସିଂହ, ତରୁଲତା ଜେନା, ଆଶାଲତା ପାତ୍ର, ବାବାଜୀ ଚରଣ ପାତ୍ର, ସବିତା ଦାସ, ପ୍ରେମଲତା ଦାସ, ମାମାଲି ନାୟକ ପ୍ରମୁଖ ଶତାଧିକ ହିତାଧିକାରୀ ରାଜନଗର ବିଡିଓ ନିଶାନ ମିଶ୍ରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

### ପୂଜା କମିଟିର ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୯।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରକ୍ତ ଭଣ୍ଡାରରେ ଏବେ ରକ୍ତର ଅଭାବ ଦେଖାଦେଇଛି। ଏହି ଅଭାବକୁ ପୂରଣ ପାଇଁ ସହରର ଟାଉନ ବଳରାମପୁରସ୍ଥ ଶନିଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର ରବିବାର ଆୟୋଜିତ କରାଯାଇଥିଲା। ଏଠାରେ ମୋଟ ୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏ ସମ୍ପର୍କରେ ବୁଦ୍ଧିଜୀବୀ ପରେଶ ଦାସ କହିଛନ୍ତି, ରକ୍ତର ବିକଳ୍ପ ନାହିଁ। ଅଦ୍ୟାବଧି କୃତୀମ ରକ୍ତ ତିଆରି ହୋଇପାରିନାହିଁ। ତେବେ ରକ୍ତହୀନତା ରୋଗୀଙ୍କଠାରୁ ବିଭିନ୍ନ ସମୟରେ ରକ୍ତର ଆବଶ୍ୟକତା ରହୁଛି। ମାସକୁ ପ୍ରାୟ ୭୦୦ ୟୁନିଟ ରକ୍ତ ଏହି ଜିଲାରେ ଆବଶ୍ୟକତା ଅଛି। ଏହାକୁ ଦୃଷ୍ଟିରେ ରଖି ପୂଜା କମିଟିର କର୍ମକର୍ତ୍ତା କୁଞ୍ଜବିହାରୀ ସେନାପତି, ଖଗେଶ୍ୱର ରାଉତ, କିଶନ ଦାସ, ଉମାକାନ୍ତ ବେହେରା, ରୁଦ୍ର ପ୍ରକାଶ ପରିଡା, ପ୍ରିୟଙ୍କା ରାଉତ, ଲକ୍ଷ୍ମୀପ୍ରିୟା ସ୍ୱାଇଁ ପ୍ରମୁଖ ଶିବିରର ଆୟୋଜନ କରିଥିଲେ। ଜିଲା ରେଡକ୍ରସ ପକ୍ଷରୁ ଏହି ରକ୍ତ ସଂଗ୍ରହ ହୋଇଛି। ଶିବିରକୁ ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ନାଥ, ନିରାକାର ବେହେରା, ପ୍ରଭାତ ସେନାପତି, ତପନ କୁମାର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

### ଦଧିବାମନ ଜୀଉ ମନ୍ଦିରର ମୁଖ୍ୟ ପୁରୋଧାଙ୍କ ପରଲୋକ

ଡେରାବିଶ, ୯।୭(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକର ପରମଆରାଧ ଶ୍ରୀଦଧିବାମନ ଜୀଉଙ୍କ ମୁଖ୍ୟ ପୁରୋଧା ଶରତ ଚନ୍ଦ୍ର ମହାପାତ୍ର(୫୬)ଙ୍କ ଶନିବାର ସନ୍ଧ୍ୟାରେ ଗୋଲରାହାଟ ପଞ୍ଚାୟତ ନରୁଆ ବାସଭବନରେ ପରଲୋକ ହୋଇଯାଇଛି। ସେ ମାସାଧିକ ହେବ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକ ଖବର ପ୍ରସାରିତ ହେବା କ୍ଷଣି ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଶରତ ଶ୍ରୀଦଧିବାମନଜୀଉଙ୍କ ମୁଖ୍ୟ ପୁରୋଧା ଭାବେ ପରିଚିତ ଥିଲେ। ଶ୍ରୀଜୀଉଙ୍କ ସ୍ନାନପୂର୍ଣ୍ଣିମା, ଶ୍ରୀଗୁଣ୍ଡିଚା ଓ ବାହୁଡାରେ ଛେରା ପହଁରା କାର୍ଯ୍ୟ କରି ଆସୁଥିଲେ। ଶରତ ଜଣେ ପରୋପକାରୀ, ମିଷ୍ଟଭାଷୀ ସହ ଆଦର୍ଶ ଘରୋଇ ଶିକ୍ଷକ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ୧୧୧ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

## ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର

ପଟ୍ଟାମୁଣ୍ଡାଇ, ୯।୭ (କଳ୍ପତରୁ ନାୟକ)



ଜନଶୁଣାଣିରେ ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଶୁଭ୍ରାଂସୁ ସାହୁ, ସହକାରୀ ଜିଲାପାଳ ପ୍ରିୟଦର୍ଶନୀ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ୧୧୧ଟି ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ସାମନ୍ତରାୟ ପଟ୍ଟାମୁଣ୍ଡାଇ ବିଜୁ ପଟ୍ଟନାୟକ ଛକଠାରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି ଓ ଏହାଛଡା ଏହି ଛକରେ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ବସ୍‌କୁ ଯାତ୍ରୀମାନେ ଅପେକ୍ଷା କରୁଛନ୍ତି। ଏଣୁ ଟ୍ରାଫିକ ସମସ୍ୟା ଦୂର ପାଇଁ ପୋଲିସ ବ୍ୟବସ୍ଥା ସହ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ବ୍ଲକ ଅଧ୍ୟକ୍ଷ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ। ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲ ପଛ ରାସ୍ତା ବର୍ଷକ ବାରମାସ ପାଣି ଜମି ରହିବା ଡ୍ରେନେଜ ବ୍ୟବସ୍ଥା ଭୁଶୁଡି ପଡିଥିବାରୁ ଜନସାଧାରଣ ଯାତାୟାତ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଥିବାରୁ ତୁରନ୍ତ ପ୍ରତିକାର ପାଇଁ ଉପେନ୍ଦ୍ର ନାୟକ ଓ ସମୀର ପାତ୍ର ଅତିରିକ୍ତ ଜିଲାପାଳଙ୍କୁ ଅନୁରୋଧ କରି ଦାବିପତ୍ର ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକର ଉପାନ୍ତ ପଞ୍ଚାୟତ ସିଂହଗାଁ ପଞ୍ଚାୟତର ରାଉଳିଆ ପୋଲ ନିର୍ମାଣ ତ୍ୱରାନ୍ୱିତ କରିବାକୁ ସମିତି ସଭ୍ୟ ଅଭୟ ସ୍ୱାଇଁ ଦାବି କରିଥିଲେ। ନୀଳକଣ୍ଠପୁର ସରପଞ୍ଚ ଜ୍ଞାନ ରଞ୍ଜନ ଖଣ୍ଡାୟୀ ନୀଳକଣ୍ଠପୁର, କେଶପୁର ପଞ୍ଚାୟତ ଚାଷୀ, ଜନସାଧାରଣଙ୍କ ସୁବିଧା ପାଇଁ ନୀଳକଣ୍ଠପୁରଠାରୁ କଦଳୀ ବଣ ଓ ଗୋବିନ୍ଦପୁର କେନାଲ ଅଞ୍ଚଳରେ ଡ୍ରେନେଜ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଏବଂ ସମ୍ପୂର୍ଣ୍ଣ କରିବାକୁ ଦାବି କରିଥିଲେ। ପଟ୍ଟାମୁଣ୍ଡାଇ ବାଇପାସ୍ ବିଜୁ ପଟ୍ଟନାୟକ ଛକଠାରେ ଦୁର୍ଘଟଣା ରୋକିବା ପାଇଁ ହମ୍ପସ ନିର୍ମାଣ ଓ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ଦାବି କରିଥିଲେ। ବାଲିପାଟଣା ପଞ୍ଚାୟତରେ ରାସ୍ତା ଉପରେ ନିର୍ମାଣ କରାଯାଇଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ହଟାଇବା ପାଇଁ ପୂର୍ବତନ ସରପଞ୍ଚ କିଶୋର ଜେନା ଦାବି କରିଥିଲେ। ଖଡିଅଣ୍ଡା ପଞ୍ଚାୟତ ଚାଷୀମାନେ କଲଭର୍ଟ ଓ ଡ୍ରେନ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଶିବିରରେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅଶୋକ ସାମଲ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ଜଳଧର ବେହେରା, ସିଡିଏମଓ ଅନିତା ପଟନାୟକ, ଡିଇଓ ପ୍ରଦୀପ ନାଗ, ଆରଡବ୍ଲ୍ୟୁ ଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ମନୋଜ ପ୍ରଧାନୀ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସ୍ମୃତି ରଞ୍ଜନ ରଥ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ଜନସ୍ୱାସ୍ଥ୍ୟ ସହସହକାରୀ ଯନ୍ତ୍ରୀ ସୁଦାମ ସାହୁ, ସିଏସଓ ଶ୍ରୀନିବାସ ସାହୁ, ଡିଏସଓ ଲୋକନାଥ ପାଣିଗ୍ରାହୀ, ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ମତ୍ସ୍ୟ ଅଧିକାରୀ ପ୍ରକାଶ ମହାରଣା, ପଶୁସମ୍ପଦ ଅଧିକାରୀ ପ୍ରଦୀପ ପରିଡା, କୃଷି ଅଧିକାରୀ ଶରତ ନାୟକ ଓ ଏବିଇଓ ଚନ୍ଦ୍ରଶେଖର ତ୍ରିପାଠୀ ପ୍ରମୁଖ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଏହି ଶିବିରକୁ ମୁଖ୍ୟ କିରାଣି ମାନସ ନନ୍ଦ ଓ ପ୍ରିୟରଞ୍ଜନ ସାମଲ ପରିଚାଳନା କରିଥିଲେ।

## ଓଡ଼ିଶା ଲଳିତକଳା ଏକାଡେମୀ ଚିତ୍ରଶିଳ୍ପୀ ରମେଶ ଦେଙ୍କୁ ସମ୍ବର୍ଦ୍ଧନା



ଚିତ୍ରଶିଳ୍ପୀ ରମେଶ ଚନ୍ଦ୍ର ଦେଙ୍କ କାନ୍‌ଭାସରେ ଦାରୁବ୍ରହ୍ମଙ୍କ ରୂପ ଭକ୍ତଙ୍କ ସେବା ସମର୍ପଣ ଭାବ।

ପଟ୍ଟାମୁଣ୍ଡାଇ, ୯।୭ (କଳ୍ପତରୁ ନାୟକ/ଅକ୍ଷୟ ବିଶ୍ୱାଳ)

ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୮ ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ରାଜ୍ୟସ୍ତରୀୟ 'ଶ୍ରୀଜଗନ୍ନାଥ' ଶୀର୍ଷକ ଚିତ୍ରଶିଳ୍ପୀ ଶିବିର ୧ରୁ ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଏହା ଭୁବନେଶ୍ୱର ପାନ୍ଥନିବାସ କଳିଙ୍ଗ ସମ୍ମିଳନୀ କକ୍ଷରେ ହୋଇଥିଲା। ଶିବିରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନେ ଅଂଶଗ୍ରହଣ କରି ରଙ୍ଗ ଓ ତୁଳୀର କାନ୍‌ଭାସ ଉପରେ ପୁରୀର ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମ୍ବନ୍ଧୀୟ ଚିତ୍ରକଳା ଅଙ୍କନ କରିଥିଲେ। ଏହା ଆସନ୍ତା ୨୦ ତାରିଖରେ ପୁରୀ ଜିଲା ପ୍ରଦର୍ଶନୀ କକ୍ଷରେ ଭକ୍ତଙ୍କ ଦର୍ଶନ ନିମନ୍ତେ ରଖାଯିବ। ଏହି ଚିତ୍ରକଳା ଶିବିରରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଚିତ୍ରଶିଳ୍ପି ରମେଶ ଚନ୍ଦ୍ର ଦେ ଯୋଗଦେଇ ନିଜର କଳା ନୈପୁର୍ଣ୍ଣତାକୁ ପ୍ରଦର୍ଶନ କରିଥିଲେ। ସେ ତାଙ୍କ କାନଭାସ ଉପରେ ଦାରୁବ୍ରହ୍ମଙ୍କ ରୂପ ସହ ଭକ୍ତଙ୍କ ସେବା ସମର୍ପଣ ଭାବକୁ ଅତି ସୁନ୍ଦର ଭାବେ ଆଙ୍କି ଦର୍ଶକମାନଙ୍କୁ ଆକର୍ଷଣ କରିବାକୁ ପ୍ରୟାସ କରିଛନ୍ତି। ଶିବିର ଶେଷରେ ଶିଳ୍ପୀ ରମେଶଙ୍କୁ ଉତ୍ତରୀୟ, ମାନପତ୍ର ସହିତ ଆର୍ଥିକ ରାଶି ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଇଥିଲା। ଯାହା ପଟ୍ଟାମୁଣ୍ଡାଇ ପାଇଁ ଗର୍ବ ଗୌରବର ବିଷୟ ଅଟେ।

## ପରିବେଶ ସନ୍ତୁଳନ ପ୍ରତି ସୃଷ୍ଟି କରିବ ବିପଦ | ଉପକୂଳରେ ଉଜୁଡୁଛି ଗ୍ରାମ୍ୟ ଜଙ୍ଗଲ



ମହାକାଳପଡ଼ା ବ୍ଲକ ଅଧୀନ ଗ୍ରାମ୍ୟ ଜଙ୍ଗଲରୁ କଟାଯାଇଥିବା ଗଛ।

ମହାକାଳପଡ଼ା, ୯।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରାକୃତିକ ବିପର୍ଯ୍ୟୟ ଓ ପରିବେଶ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ଅପରପକ୍ଷେ ମହାନଦୀ ଅପରପାର୍ଶ୍ୱରେ ଶିଳ୍ପ କାରଖାନାର ବିଷାକ୍ତ ଧୂଆଁ, ଧୂଳି ବାୟୁମଣ୍ଡଳରେ ମିଶିବା ଫଳରେ ସ୍ଥାନୀୟ ବାଡ଼ି ବଗିଚା ଗଛପତ୍ର ଉପରେ ଆସ୍ତରଣ ସୃଷ୍ଟି ହେଉଛି। ନଡ଼ିଆ, ଆମ୍ବ, ପଣସ, କଦଳୀ, କାଜୁ ଓ ବିଭିନ୍ନ ପନିପରିବା ଗଛ ଉପରେ ପାଉଁଶ ଆସ୍ତରଣ ଜମି ସମସ୍ୟା ସୃଷ୍ଟି କରିଛି। ଫଳରେ ଉପକୂଳ ଅଞ୍ଚଳର ପରିବେଶ ସନ୍ତୁଳନ ବିଗିଡ଼ି ଯାଇଛି ବୋଲି ପରିବେଶବିତ୍‌ମାନେ କହିଛନ୍ତି। ଏମିତି କିଛି ବର୍ଷ ଲାଗି ରହିଲେ ଆଗାମୀଦିନରେ ପରିବେଶ ସନ୍ତୁଳନ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ ବୋଲି ପରିବେଶପ୍ରେମୀ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଉପକୂଳରେ ଥିବା ବହୁ ଗ୍ରାମ୍ୟ ଜଙ୍ଗଲରୁ ଅବାଧରେ ବିଭିନ୍ନ କିସମର ଗଛ କଟାଯାଇଛି। ଫଳରେ ସେହି ସ୍ଥାନ ପଡ଼ିଆ ପଡିଥିବା ଦେଖିବାକୁ ମିଳିଛି। ଏହାର ଉଦାହରଣ ଦେଖିବାକୁ ମିଳୁଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ରାମନଗର, ସୁନିତି, ବଡିଘର, ଜମ୍ବୁ, ପେଟଛେଲା ଆଦି ପଞ୍ଚାୟତରେ। ଉପରୋକ୍ତ ଅଞ୍ଚଳରେ ଥିବା ଗ୍ରାମ୍ୟ ଜଙ୍ଗଲ ଏବେ ବୃକ୍ଷ ଶୂନ୍ୟ ହୋଇଛି। ବନ ବିଭାଗ ଓ ରାଜସ୍ୱ ବିଭାଗ ଅଧିକାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ ଗ୍ରାମ୍ୟ ଜଙ୍ଗଲ, ଝାଟି ଜଙ୍ଗଲରୁ ଅବାଧରେ ଗଛକାଟି ସଫା କରାଯାଉଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏବେଠୁ ସଚେତନ ନ ହେଲେ ଆଗାମୀଦିନରେ ଉପକୂଳ ଅଞ୍ଚଳ ବୃକ୍ଷ ଶୂନ୍ୟ ହୋଇଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ବନ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀମାନେ ଏ ସଂକ୍ରାନ୍ତରେ ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ମହାକାଳପଡ଼ା (ବନ୍ୟଜୀବ) ରେଞ୍ଜ ଅଧିକାରୀ ନଳିନୀକାନ୍ତ ବେହେରାଙ୍କୁ ପଚାରିବାରୁ ଗଛକଟା ନଜରକୁ ଆସିଲେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଭାଗବତ ମହାନ୍ତିଙ୍କ ଜୟନ୍ତୀ

କେନ୍ଦ୍ରାପଡ଼ା, ୯।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ାର ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ଜୟନ୍ତୀ ସହରର ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏଥିପାଇଁ ଉତ୍ସବରେ ଟ୍ରଷ୍ଟ ସଭାପତି ଗୁରୁପଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ବୁଦ୍ଧିଜୀବୀ ରାଜାରାମ ଶତପଥୀ, ଡ. ସିପ୍ରା ମଲ୍ଲିକ, ପରିକ୍ଷିତ ପାତ୍ର, ସମବାୟବିତ୍ ପ୍ରମୋଦ ସାହୁ, ପୂର୍ବତନ ଜିଲା ଜଜ କୁଞ୍ଜବିହାରୀ ସ୍ୱାଇଁ, ଶିକ୍ଷାବିତ୍ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ମହେଶ୍ୱର ପରିଡା, ହଳଧର ସାହୁ, କଳ୍ପନା ମଲ୍ଲିକ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଅତିଥିମାନେ କହିଥିଲେ ଯେ, କେନ୍ଦ୍ରାପଡ଼ାର ବିକାଶରେ ସ୍ୱର୍ଗତ ମହାନ୍ତିଙ୍କ ଅବଦାନ ଅତୁଳନୀୟ। ତାଙ୍କ ଉଦ୍ୟମରେ ଜିଲାର ବିଭିନ୍ନ ଅନୁଷ୍ଠାନ ଗଢ଼ି ଉଠିବା ସହ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ହେଉଥିଲା। ଏହି ଉତ୍ସବରେ ଜିଲା ଓ ଜିଲା ବାହାରର ବହୁ ରାଜନେତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଗୁଣଗାନ କରିଥିଲେ। ଏହାକୁ ଟ୍ରଷ୍ଟି ବସନ୍ତ କୁମାର ସେଠୀ, ଫକୀର ଚରଣ ଖଟୁଆ, ବିଧୁଭୂଷଣ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ସନ୍‌ସାଇନ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




କେନ୍ଦ୍ରାପଡ଼ା, ୯।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଟାଉନହଲଠାରେ ଭୁବନେଶ୍ୱରସ୍ଥ ସନ୍‌ସାଇନ ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖବରଦାତାଙ୍କ ସମେତ ଶତାଧିକ ବ୍ୟକ୍ତି ବିଭିନ୍ନ ରୋଗର ନିଃଶୁଳ୍କ ଚିକିତ୍ସା କରାଇଛନ୍ତି। ଏଥିସହ ଇସିଜି, ବ୍ଲଡ ସୁଗାର, ବ୍ଲଡ ପ୍ରେସର, ବୋନ ମିନେରାଲ ଡେନସିମେଟ୍ରି ଆଦି ପରୀକ୍ଷା ହୋଇଥିଲା। ଏଥିରେ ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ, ୟୁରୋଲୋଜିଷ୍ଟ, ସ୍ନାୟୁଶଲ୍ୟ ବିଶେଷଜ୍ଞ ଯୋଗ ଦେଇଥିଲେ। ଏହାକୁ ହସ୍ପିଟାଲ ପିଆରଓ ଅକ୍ଷୟ କୁମାର ଦାସ, କର୍ପୋରେଟ ହେଡ୍ ସୁମିତ ମଙ୍ଗରାଜ, ତପନ ସିଂ, ଅମର ପ୍ରସାଦ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## କୋର୍ଟ ପରିସରରେ ନୂତନ ବିଚାରପତିଙ୍କୁ ସମ୍ବର୍ଦ୍ଧନା

ଆଳି, ୯।୭ (ବନମାଳୀ ସେନାପତି)




ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

ମଙ୍ଗଳବାର ଆଳି କୋର୍ଟ ପରିସରରେ ଆଳି ବାର୍ ଆସୋସିଏଶନ୍ ଗୃହରେ ନୂତନ ବିଚାରପତି ଦିବାନ୍ ସତ୍ୟଦର୍ଶୀ ନନ୍ଦଙ୍କୁ ଆଳି ବାର୍ ଆସୋସିଏଶନ୍ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା।

ଏହି ପରିପ୍ରେକ୍ଷୀରେ ବାର୍ ଆସୋସିଏଶନ୍ ସଭାପତି ପ୍ରମୋଦ କୁମାର ରାୟ, ସମ୍ପାଦକ ନୃସିଂହ ଚନ୍ଦ୍ର ଦୀକ୍ଷିତ, ସହ ସମ୍ପାଦକ ସୂର୍ଯ୍ୟମଣି ସାମଲ, ଉପ ସଭାପତି ସୁଶାନ୍ତ କୁମାର ଦୀକ୍ଷିତ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ସାମଲ, ପାଠାଗାର ସମ୍ପାଦକ ପ୍ରଦୀପ କୁମାର ଦାଶ, ସଭାରେ ଉପସ୍ଥିତ ଥିଲେ। ବସନ୍ତ କୁମାର ଘଡ଼ାଇ ପୁଷ୍ପଗୁଚ୍ଛ, ଚିରଞ୍ଜିବି ଦାସ ଉତ୍ତରୀୟ ଓ ସହାଦେବ ସିଂହ ବ୍ୟାଚ୍ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଶରତ କୁମାର ମହାନ୍ତି, ଆକ୍ଷୟ କୁମାର ମଲିକ, ଅନନ୍ତ ଚରଣ ଦାସ, ବାସୁଦେବ ସିଂହ, କ୍ଷୀରୋଦ କୁମାର ପରିଡା, ମୃତ୍ୟୁଞ୍ଜୟ ସାମଲ, ରାଧାକାନ୍ତ ବିଶ୍ୱାଳ, ପ୍ରମୋଦ କୁମାର ସ୍ୱାଇଁ, ପ୍ରତିଭା ପାତ୍ର, ରଞ୍ଜନ କୁମାର ପାତ୍ର, ଅଜୟ କୁମାର ସେଠୀ, ପରମାନନ୍ଦ ବେହେରା ପ୍ରମୁଖ ଆଇନଜୀବୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଣାକାର ବାରିକ ଧନ୍ୟବାଦ ଦେଇଥିଲେ।

## ପରଲୋକରେ ରାହାମାର ବଟବାବା

କୁଜଙ୍ଗ, ୯।୭(ମନୋଜ ପ୍ରଧାନ)



ରାହାମା ବଡ଼ବଜାରର ପ୍ରତିଷ୍ଠିତ ବ୍ୟବସାୟୀ ଜୟଦୁର୍ଗା ସ'ମିଲର ପ୍ରତିଷ୍ଠାତା ବଟକୃଷ୍ଣ ସାହୁ (୮୬)ଙ୍କ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ପରୋପକାରୀ ବ୍ୟକ୍ତିଭାବେ ଅଞ୍ଚଳରେ ପରିଚିତ ଥିଲେ। ବଟବାବା ନାମରେ ଆଖପାଖ ଅଞ୍ଚଳର ଲୋକମାନଙ୍କୁ ମା' ଶାରଳାଙ୍କ ହୁକୁମ ମାଧ୍ୟମରେ ସେବା ଯୋଗାଇ ଆସୁଥିଲେ। ତାଙ୍କ ପରଲୋକ ଖବରପାଇ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ତାଳପଡା ସରପଞ୍ଚ ଦମୟନ୍ତୀ ଲେଙ୍କା, ଡ. ସୁନାକର ବେହେରା, ଶରତ କୁମାର ସାହୁ, ହେମନ୍ତ କୁମାର ସାହୁ, ମନୋଜ କୁମାର ସାହୁ, ସରୋଜ କୁମାର ସାହୁ, ଶଙ୍କର୍ଷଣ ସାହୁ ଓ ମନୋହର ସ୍ୱାଇଁ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ବଟବାବାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ତଥା ପୂର୍ବତନ ଜିଲାପରିଷଦ ସଭ୍ୟ ଓ ରାହାମା ସରସ୍ୱତୀ ଶିଶୁ ମନ୍ଦିରର ସଭାପତି ଅଜୟ କୁମାର ସାହୁ ମୁଖାଗ୍ନି ଦେଇଥିଲେ। ବରିଷ୍ଠ ବୁଦ୍ଧିଜୀବୀ ତଥା ଇଣ୍ଟେଲେକ୍ଚୁଆଲ ଫୋରମ ରାହାମାର ସଭାପତି ଅକ୍ଷୟ କୁମାର ସାହୁ ଓ ସାନପୁଅ ଚୈତନ୍ୟ କୁମାର ସାହୁ ପ୍ରମୁଖ ଶେଷକୃତ୍ୟ ବେଳେ ଉପସ୍ଥିତ ଥିଲେ।

## ଡେରାବିଶ ପାଠାଗାରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ

ଡେରାବିଶ, ୯।୭ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡା ପଞ୍ଚାୟତର କିରଣକୁଞ୍ଜ ପରିସରସ୍ଥିତ ଡେରାବିଶ ପାଠାଗାରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ଡେରାବିଶ ପାଠାଗାରର ସଭାପତି ଡ. ଭକ୍ତକବି ଦାସ ପୌରୋହିତ୍ୟ କରିଥିଲେ। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାସ ମୁଖ୍ୟଅତିଥି ଏବଂ ଚାନ୍ଦୋଳସ୍ଥିତ ଏଚଏନଏସ୍ କଲେଜର ଅଧ୍ୟାପକ ଡ. ପ୍ରକାଶ କୁମାର ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ ରାଜ୍ୟରେ ସମାଜସେବାର ଏକ ନୂଆ ପରିଭାଷା ଗୋପବନ୍ଧୁଙ୍କଠାରୁ ଶିଖିବାର ଅଛି। ଓଡ଼ିଆ ଅସ୍ମିତା, ତ୍ୟାଗପୂତ ଜୀବନ, ଗରିବଙ୍କ ପାଇଁ ତାଙ୍କ ମନ ଓ ପ୍ରାଣରେ ରହିଥିବା ନିଃସ୍ୱାର୍ଥପର ସେବା ମନୋଭାବ ବାବଦରେ ଆଲୋକପାତ କରିଥିଲେ। ଏଥିରେ ଅବସରପ୍ରାପ୍ତ ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ଓ ସାମାଜିକ କର୍ମୀ ହଳଧର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବୟିତ୍ରୀ ମମତା ଶତପଥୀ, ଭବାନୀ ପ୍ରସାଦ ଓଝା, ଦୀପକ କୁମାର ଓଝା, ପୂର୍ଣ୍ଣାନନ୍ଦ ବେହେରା, ରମେଶ ଚନ୍ଦ୍ର ଦାସ, ରଜତ ମିଶ୍ର, ଗୌରାଙ୍ଗ ସାହୁ, ନୀଳମଣି ବେହେରା, ବ୍ରହ୍ମାନନ୍ଦ ମଲିକ ଓ ରବିନ କୁମାର ଦାସ ଉପସ୍ଥିତ ଥିଲେ। ଉତ୍ସବର ଶିକ୍ଷାବିତ୍ ପ୍ରମୋଦ କୁମାର ବେହେରା ଅତିଥି ପରିଚୟ, ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଶେଷରେ ପାଠାଗାରର ସହ ସମ୍ପାଦକ ଅଧ୍ୟାପକ ବିଶ୍ୱଜିତ୍ ସାହୁ ଧନ୍ୟବାଦ ଦେଇଥିଲେ।

# ପୂର୍ବତନ ଅଧ୍ୟକ୍ଷ ବିଜୟଙ୍କ ନିଲମ୍ବନ ଅନୁମୋଦନରେ ବିଳମ୍ବ

**ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ**

■ ୩ ଦିନ ଭିତରେ ଅନୁମୋଦନ ନ ହେଲେ ନିଲମ୍ବନ ପ୍ରତ୍ୟାହୃତ ସମ୍ଭାବନା

ଜଗତ୍‌ସିଂହପୁର, ୯।୭ (ପ୍ରମୋଦ କୁମାର ନାୟକ)

ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ପାତ୍ର ଜୁନ୍ ୧୨ରେ ନିଲମ୍ବିତ ହୋଇଥିଲେ। ଆର୍ଥିକ ଅନିୟମିତତା, ପ୍ରଶାସନିକ ଅସ୍ୱାଭାବିକତା ଓ ସହକର୍ମୀମାନଙ୍କ ସହ ଠିକ୍ ବ୍ୟବହାର ନ କରିବା ଭଳି ସଙ୍ଗିନ ଅଭିଯୋଗ କାରଣରୁ ତାଙ୍କ ବିରୋଧରେ ମହାବିଦ୍ୟାଳୟ ଗଭର୍ଣ୍ଣିଂ ବଡି ସଭାପତି ପ୍ରଫେସର ଡ. କମଳା ପ୍ରସାଦ ମହାପାତ୍ର ଏଭଳି ନିଷ୍ପତ୍ତି ନେଇଥିଲେ। ଏହି ନିଲମ୍ବନ ନିଷ୍ପତ୍ତିକୁ ମହାବିଦ୍ୟାଳୟ ପରିଚାଳନା କମିଟି ଜୁନ ୧୪ରେ ଅନୁମୋଦନ କରିଛି। ଏଥିସହ ନୂଆ ଭାରପ୍ରାପ୍ତ ଅଧ୍ୟକ୍ଷା ଭାବେ ରସାୟନ ବିଜ୍ଞାନ ରିଡର ବନ୍ଦିତା ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ବଡ କଥା ହେଲା, ୧୪ ତାରିଖରେ ଏହି ନିଲମ୍ବନ ନିଷ୍ପତ୍ତିକୁ ସରକାରୀସ୍ତରରେ ଅନୁମୋଦନ ପାଇଁ ଗଭର୍ଣ୍ଣିଂବଡି ସଭାପତି ଡ. ମହାପାତ୍ର ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବଙ୍କୁ ଚିଠି କରିଥିଲେ। କିନ୍ତୁ ଏଥିମଧ୍ୟରେ ମାସେ ପୂରିବାକୁ ବସିଥିବା ବେଳେ ସରକାରୀସ୍ତରରେ ଏହି ନିଲମ୍ବନ ନିଷ୍ପତ୍ତି ଅନୁମୋଦିତ ହୋଇପାରିନାହିଁ। ଏ ନେଇ ଚର୍ଚ୍ଚା ଜୋର ଧରିଛି। ନିୟମ ଅନୁଯାୟୀ, ନିଲମ୍ବନ ନିଷ୍ପତ୍ତିର ମାସେ ଭିତରେ ସରକାରୀସ୍ତରରେ ଏହା ଅନୁମୋଦନ ଲାଭ କରିବା ଉଚିତ। ନଚେତ ଆପେ ଆପେ ନିଲମ୍ବନ ପ୍ରତ୍ୟାହୃତ ହୋଇଯିବ। ଯେହେତୁ ଜୁନ୍ ୧୨ରେ ପାତ୍ର ନିଲମ୍ବିତ ହୋଇଥିଲେ ତେଣୁ ଆସନ୍ତା ୧୨ତାରିଖ ସୁଦ୍ଧା ସରକାରୀସ୍ତରରେ ଏହା ଅନୁମୋଦନ ଲାଭ କରିବା ଜରୁରୀ। ଆଉ ମାତ୍ର ୩ ଦିନ ଭିତରେ ନିଲମ୍ବନ ଅନୁମୋଦନ ଲାଭ ନ କଲେ ପାତ୍ରଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଫସର ଫାଟିଯିବ।

ଜୁନ୍ ୧୨ ତାରିଖ ଗଭର୍ଣ୍ଣିଂବଡି ବୈଠକରେ ସେତେବେଳର ଅଧ୍ୟକ୍ଷ ପାତ୍ରଙ୍କ ବିଷୟରେ ବହୁ ଆର୍ଥିକ ଅନିୟମିତତା ଭଳି ଅଭିଯୋଗ ହୋଇଥିଲା। ଏପରି କି ସେ କେତେଜଣ କର୍ମଚାରୀ ଓ ଲୋକଙ୍କଠାରୁ ବିଭିନ୍ନ ବାହାନାରେ ଟଙ୍କା ନେଇଥିବା କଥା ଉଠିଥିଲା। ଅଭିଯୋଗ ପାଇ ଗଭର୍ଣ୍ଣିଂ ବଡି ସୁଜ୍ଞାନ ଚୌଧୁରୀଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଥିଲା। ଏସବୁ ସତ୍ତ୍ୱେ ସରକାରୀସ୍ତରରେ ପୂର୍ବତନ ଅଧ୍ୟକ୍ଷ ପାତ୍ରଙ୍କ ନିଲମ୍ବନ ନିଷ୍ପତ୍ତି ଅନୁମୋଦନ ହେଉନି। ନୂଆ ଅଧ୍ୟକ୍ଷା ଦାୟିତ୍ୱ ନେଇଥିଲେ ସୁଦ୍ଧା ତାଙ୍କୁ ପୂରା ଆର୍ଥିକ କ୍ଷମତା ମିଳିବାରେ ବିଳମ୍ବ କାରଣରୁ ମହାବିଦ୍ୟାଳୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି କି ବିଭାଗୀୟ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର ଗଭର୍ଣ୍ଣିଂ ବଡି ସଭାପତିଙ୍କୁ ଜୁଲାଇ ୪ରେ ପତ୍ର ଲେଖି ବନ୍ଦିତା ଦାସଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷା ଭାବେ ନିଆଯାଇଥିବା ନିଷ୍ପତ୍ତିକୁ ଅନୁମୋଦିତ କରିଥିବା ଉଲ୍ଲେଖ କରିଛନ୍ତି। ଏଥିସହ ଦରମା ଓ ଦୈନନ୍ଦିନ ପରିଚାଳନା ପାଇଁ ବନ୍ଦିତାଙ୍କୁ ଅସ୍ଥାୟୀ ଆର୍ଥିକ କ୍ଷମତା ଦିଆଯାଇଛି। ଯେହେତୁ ପୂର୍ବତନ ଅଧ୍ୟକ୍ଷ ପାତ୍ର ନିଲମ୍ବିତ ହୋଇଛନ୍ତି। ତେଣୁ ଏହା ପୂର୍ଣ୍ଣଭାବେ ମଧ୍ୟବର୍ତ୍ତିକାଳୀନ ବ୍ୟବସ୍ଥା ବୋଲି ସ୍ପଷ୍ଟ କରାଯାଇଛି।

ଅନ୍ୟପକ୍ଷେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ କହିଛନ୍ତି, ଆସନ୍ତା ୧୨ ତାରିଖ ଭିତରେ ପୂର୍ବତନ ଅଧ୍ୟକ୍ଷ ପାତ୍ରଙ୍କ ନିଲମ୍ବନକୁ ଅନୁମୋଦନ କରା ନ ଗଲେ ପରିସ୍ଥିତି ଜଟିଳ ରୂପ ନେବ। ଏପରି କି ତୀବ୍ର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ଏ ସମ୍ପର୍କରେ ବିଭାଗୀୟ ପ୍ରମୁଖ ସଚିବ ମିଶ୍ରଙ୍କୁ ପଚାରିବାରୁ ପ୍ରଥମେ ଫାଇଲ ସଚିବଙ୍କ ପାଖକୁ ଯାଇଛି। ଆଶା କରାଯାଉଛି ଦିନେ ଦୁଇଦିନ ଭିତରେ ହୋଇଯିବ। ନିଲମ୍ବନକୁ ଗ୍ରହଣ କଲୁ ବୋଲି ନୂଆ ଅଧ୍ୟକ୍ଷାଙ୍କୁ ଆର୍ଥିକ କ୍ଷମତା ଦେଇଛୁ। ଗଭର୍ଣ୍ଣିଂବଡି କମ୍ପିଟେଣ୍ଟ ଅଥରିଟି। ସରକାରଙ୍କ ଅନୁମୋଦନ କେବଳ ଗୋଟିଏ ଫର୍ମାଲିଟି ବୋଲି ସେ କହିଥିଲେ। କିନ୍ତୁ ହଠାତ୍ କଥା ବଦଳାଇ ଏହାକୁ ଭିନ୍ନମୋଡ ଦେବାକୁ ଚେଷ୍ଟା କରିଥିଲେ। ଗତ ୨ ତାରିଖରେ ଆମେ ଉଭୟ ପକ୍ଷଙ୍କୁ ଡାକି ଶୁଣାଣି କରିଥିଲୁ। ତା' ପରେ ଫାଇଲ ଫୁଟ୍‌ଅପ୍ କରି ସଚିବଙ୍କ ନିକଟକୁ ପଠାଇଛୁ। ଯାହା ଆଦେଶ ଆସିବ ସେଇ ଅନୁସାରେ ହେବ। ସଚିବ ଏହା ଉପରେ ନିଷ୍ପତ୍ତି ନେଇ ନ ପାରିଲେ ମନ୍ତ୍ରୀଙ୍କ ଅନୁମୋଦନ ପାଇଁ ଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ଛତ୍ରପୁର, ୯।୭ (ଦିଲୀପ ସାମଲ)

ଚମାଖଣ୍ଡି ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମର ଏକ ପୋଖରୀରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାବିତ୍ରୀ ସେଠି। ମଙ୍ଗଳବାର ଥାନା ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁକରାଯାଇ ଛତ୍ରପୁର ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇଛି। ସାବିତ୍ରୀ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ସେଠାରେ ବୁଡ଼ିଯାଇଥିଲେ। ପୋଲିସ ଏସ୍ଆଇ ଅଭିଜିତ ସାମଲ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ।

### ଜବରଦଖଲମୁକ୍ତ ହେବ ସରକାରୀ ଜମି

ଧରାକୋଟ,୯।୭(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଂପ୍ରତି ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଧରାକୋଟ ତହସିଲ କାର୍ଯ୍ୟାଳୟ ପରିସରରେ ଏଥିପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳେଇ, ବିଭାଗୀୟ ଅଧିକାରୀ କାଳନ୍ଦୀ ପାତ୍ର, ରାଜସ୍ୱ ପରିଦର୍ଶକ ପୁଷ୍ପାଞ୍ଜଳି ବେହେରା, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ, ଲକ୍ଷ୍ମଣ ନାୟକ ପ୍ରମୁଖ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ସରକାରୀ ଖାତାରେ ରହିଥିବା ଜମିକୁ ରାଜସ୍ୱ ନିରୀକ୍ଷକମାନେ ପ୍ରଥମେ ନିରୂପଣ କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ଲଟ ନିକଟକୁ ଯାଇ ସର୍ଭେ କରିବା ପରେ ଜବରଦଖଲ ମାମଲା ରୁଜୁ କରି ଉଚ୍ଛେଦ କରିବା ପାଇଁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି।

### ଗ୍ରାମ ରାସ୍ତାକଡ଼ରେ ଚାରାରୋପଣ

ଆସିକା,୯।୭ (ସୁରେନ୍ଦ୍ର ନାଥ ସାହୁ)

ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳନ ଅବସରରେ ମଙ୍ଗଳବାର ଆସିକା ବନାଞ୍ଚଳର ବାବନପୁର-ସାହାପୁର ରାସ୍ତାକଡରେ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଛି। ଛାତ୍ରୀମାନେ ଶତାଧିକ ନିମ୍ବ, ଜାମୁ, ହରିଡା, ଅଁଳା ଆଦି ଚାରା ରୋପଣ କରିଥିଲେ । ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୃଷ୍ଣସାର ସୁରକ୍ଷା କମିଟିର ସଭାପତି ଅମୂଲ୍ୟ କୁମାର ଉପାଧ୍ୟାୟ, ପରିବେଶ ପ୍ରେମୀ ବାବନପୁର ସରପଞ୍ଚ ସଂଜୟ କୁମାର ନାୟକ, ବନପାଳ ଶରତ ବେହେରାଙ୍କ ସମେତ ମହିଳା ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ସାମିଲ ଥିଲେ। ଛାତ୍ରୀମାନଙ୍କ ଦ୍ୱାରା ପରିବେଶ ସୁରକ୍ଷା ସମ୍ପର୍କରେ ବିଭିନ୍ନ ପ୍ଲାକ କାର୍ଡ ଧରି ଏକ ଶୋଭାଯାତ୍ରା ସଂପୃକ୍ତ ଅଞ୍ଚଳରେ ପରିକ୍ରମା କରିଥିଲା ।

### ଏବିଭିପି ଘୁମୁସର ସାଙ୍ଗଠନିକ ଜିଲା କର୍ମକର୍ତ୍ତା ଘୋଷଣା

ଭଞ୍ଜନଗର,୯।୭(ବାବୁଲା ପ୍ରଧାନ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତର ଅଭ୍ୟାସ ବର୍ଗ ୩ ଦିନ ବ୍ୟାପୀ ଢେଙ୍କାନାଳରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକର୍ତ୍ତାମାନେ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଓ ଜିଲାସ୍ତରର ସାଙ୍ଗଠନିକ ଦାୟିତ୍ୱ ଘୋଷଣା କରାଯାଇଥିଲା । ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବ ଛାତ୍ରନେତା ଦେବାଶିଷ ସାହୁଙ୍କୁ ଦ୍ୱିତୀୟ ଥର ପାଇଁ ଘୁମୁସର ସାଙ୍ଗଠନିକ ଜିଲାର ଜିଲା ପ୍ରମୁଖ ଦାୟିତ୍ୱ ଘୋଷଣା କରାଯାଇଛି। ଶ୍ରୀ ସାହୁ ଦକ୍ଷିଣ ଓଡ଼ିଶାର ଛାତ୍ର ରାଜନୀତି ସହିତ ବିଶ୍ୱବିଦ୍ୟାଳୟ ଓ କଲେଜମାନଙ୍କର ସମସ୍ୟା ଓ ସମାଧାନ ଦିଗରେ ଅନେକ କାର୍ଯ୍ୟକ୍ରମ ସହିତ ବିଗତ ଦିନରେ ଜଡିତ ଅଛନ୍ତି। ଶ୍ରୀ ସାହୁ ପୂର୍ବରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଓଡିଶା ରାଜ୍ୟର ଅନେକ ପଦପଦବୀରେ ରହି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଛନ୍ତି । ଏଥି ସହ ଆସ୍କାର ଛାତ୍ର ନେତା ଅନିଲ କୁମାର ସ୍ୱାଇଁଙ୍କୁ ବିଭାଗ ସଂଯୋଜକ, ହିମାଂଶୁ ଶେଖର ତ୍ରିପାଠୀଙ୍କୁ ବିଭାଗ ସହ ସଂଯୋଜକ, ରାହୁଲ ବେହେରାଙ୍କୁ ଜିଲାର ସଂଯୋଜକ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଘୋଷଣା କରାଯାଇଛି।

# ଗୋପାଳପୁର ୟୁଟିଲିଟି କରିଡର ଜମି ପ୍ଲାନ ପ୍ରସ୍ତୁତ

## ଅଧିଗ୍ରହଣ ଲାଗି ଚିଠି, ଖର୍ଚ୍ଚ ହେବ ୧୨୮.୮୮ କୋଟି

ଛତ୍ରପୁର,୯।୭(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ଗୋପାଳପୁରଠାରେ ୟୁଟିଲିଟି କରିଡର ପ୍ରତିଷ୍ଠା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କରିଡର ଗୋପାଳପୁର ପୋର୍ଟ ଓ ଟାଟା ଷ୍ଟିଲ ଏସ୍ଇଜେଡ୍ (ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍) ମଧ୍ୟରେ ହେବ। ଏହି କରିଡର ପାଇଁ ଜମିର ମ୍ୟାପ୍ ଓ ସ୍କେଚ୍ ପ୍ରସ୍ତୁତ ହୋଇଛି। ଇଡକୋ ଓ କାଳିପଲ୍ଲୀ ରାଜସ୍ୱ ନିରୀକ୍ଷକ ସର୍କଲର ଅଧିକାରୀଙ୍କ ମିଳିତ ସର୍ଭେରେ ଏହା ପ୍ରସ୍ତୁତ ହୋଇଛି। ଏବେ ଜମି ଅଧିଗ୍ରହଣ କରାଯିବ। ଏଥିଲାଗି ବ୍ରହ୍ମପୁର ଇଡକୋ ଡିଭିଜନାଲ ମୁଖ୍ୟ ଧର୍ନୁଜୟ ମାଝୀଙ୍କ ପକ୍ଷରୁ ଗଞ୍ଜାମ ଜିଲାପାଳ ଓ ଭୁବନେଶ୍ୱରସ୍ଥିତ ଇଡକୋ କର୍ତ୍ତୃପକ୍ଷଙ୍କୁ ଚିଠି କରିଛନ୍ତି। ଏହି କରିଡର ପ୍ରତିଷ୍ଠା ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଜମି ପ୍ଲାନ୍‌ରେ ପରିବର୍ତ୍ତନ କରାଯାଇଛି। ଏଥିପାଇଁ ଆହୁରି ଜମି ଆବଶ୍ୟକ ଥିବାରୁ ପରିବର୍ତ୍ତିତ ଜମି ପ୍ଲାନ୍ ନେଇ ସ୍କେଚ ମ୍ୟାପ ପ୍ରସ୍ତୁତ ହୋଇଥିବା ସୂଚନା ଦିଆଯାଇଛି। କାଳିପଲ୍ଲୀ ରାଜସ୍ୱ ସର୍କଲରେ ଆହୁରି ୧ ଏକର ୧୯୫ ଡେସିମିଲ୍ ଜମି ଅଧିଗ୍ରହଣ କରାଯିବ। ବର୍ତ୍ତମାନ ସୁଦ୍ଧା ୨୦୦ ଡେସିମିଲ ଜମି ଅଧିଗ୍ରହଣ କରାଯାଇଥିବା ସୂଚନା ମିଳିଛି। ଆହୁରି ଜଣାଯାଇଛି ଯେ, ଏହି କରିଡର ନିର୍ମାଣ ଲାଗି ୧୨୮.୮୮ କୋଟି ଟଙ୍କା ଖର୍ଚ୍ଚ ହେବ।। ଏହାର ଦାୟିତ୍ୱ ଇଡକୋକୁ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ଏହି କରିଡର ୩ କି.ମି. ଲମ୍ବ ଓ ୬୦ ମିଟର ଓସାର ହେବ। ଉକ୍ତ କରିଡର ଭିତ୍ତିପ୍ରସ୍ତର ସ୍ଥାପନ ଫେବୃୟାରୀ ୧୪ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲା ଗସ୍ତ ବେଳେ କରିଥିଲେ। ୨୦୨୩ ଡିସେମ୍ବର ୫ରେ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଥିଲା। ଉକ୍ତ କରିଡର ନିର୍ମାଣ ଲାଗି ଇଡକୋ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା ଏବଂ ଉକ୍ତ ବର୍ଷ ମେ' ୨ରେ ଟେଣ୍ଡର ଖୋଲିଥିଲା। ଏହା ନିର୍ମାଣ ପାଇଁ ସଂସ୍ଥା ଚୟନ ସରିଛି। ଏହାର ନିର୍ମାଣ କାର୍ଯ୍ୟ ୧୮ ମାସ ମଧ୍ୟରେ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି କରିଡର ନିର୍ମାଣ ପରେ କୌଣସି ତ୍ରୁଟି ପାଇଁ ସଂସ୍ଥା ୫ ବର୍ଷ ଦାୟୀ ରହିବେ ଏବଂ ୧୦ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଉକ୍ତ ସଂସ୍ଥା କରିବେ ବୋଲି ସର୍ତ୍ତ ରହିଛି। ଏହି କରିଡର ପ୍ରତିଷ୍ଠା ହେଲେ ଗୋପାଳପୁର ପୋର୍ଟ ଓ ଟାଟା ଷ୍ଟିଲ ଏସ୍ଇଜେଡ୍ ମଧ୍ୟରେ ଥିବା ଶିଳ୍ପାନୁଷ୍ଠାନ ଓ ଆଗାମୀ ଭବିଷ୍ୟତରେ ପ୍ରତିଷ୍ଠା ହେବାକୁ ଥିବା ଶିଳ୍ପାନୁଷ୍ଠାନ ପାଇଁ ଯାତାୟତ ଓ ଗମନାଗମନ ସୁବିଧା ହେବ ବୋଲି କୁହାଯାଇଛି।

# ଅଙ୍ଗାରଗାଁ ହାଇସ୍କୁଲ ପରିଦର୍ଶନ କଲେ ଆସିକା ଏମ୍‌ପି



କାର୍ଯ୍ୟକ୍ରମରେ ଏମପି ଓ ଅନ୍ୟମାନେ ।

କୋଦଳା,୯।୭(ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ଦଣ୍ଡପାଣି ସାମନ୍ତରାୟ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ଆସିକା ଏମପି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ। ମୋ ସ୍କୁଲ ଅଭିଯାନ ଯୋଜନାରେ ଲାଇବ୍ରେରୀ ଖୋଲିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ ଏମପି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ସହ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ୫ ଜଣ ଛାତ୍ରୀଛାତ୍ରଙ୍କୁ ହରପ୍ରିୟା ମାଟ୍ରିକ ସ୍କଲାରସିପ୍ ପ୍ରଦାନ କରିବା ସହ ଅବସରପ୍ରାପ୍ତ ଶିକ୍ଷକ କେ.ଭାସ୍କର ପାତ୍ର ଉକ୍ତ ପାଞ୍ଚଜଣ ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି ପ୍ରଦାନ କରିଥିଲେ। ଏମପିଙ୍କ ଗସ୍ତ ସମୟରେ ଅଙ୍ଗାରଗାଁ ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ସେଠି, ବିଦ୍ୟାଳୟ ପ୍ରଧାନଶିକ୍ଷକ ବିପ୍ରଚରଣ ସାହୁ, ଅଙ୍ଗାରଗାଁ ମଣ୍ଡଳ ସଭାପତି ନାରାୟଣ ସୁମନ୍ତରାୟ, ସମାଜସେବୀ ଗୁଣ୍ଡିଚା ପରିଡା, ଭବାନୀ ପ୍ରସାଦ ମିଶ୍ର, ମୁନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆହାର ଖାଦ୍ୟ ନିମ୍ନମାନର, ବିଧାୟକଙ୍କ ଉଦ୍‌ବେଗ

ଛତ୍ରପୁର,୯।୭
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):



ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଅଚାନକ ଛତ୍ରପୁର ହସ୍ପିଟାଲ ସମ୍ମୁଖରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରି ଲୋକଙ୍କ ସହ ଆହାର ଖାଇଥିଲେ । ଏହାସହ ପାଞ୍ଚ ଟଙ୍କାରେ ଦିଆଯାଉଥିବା ଆହାର ଖାଦ୍ୟ କିଭଳି ସୁସ୍ୱାଦ ଅଛି ସେ ସମ୍ପର୍କରେ ପଚାରି ବୁଝିଥିଲେ । ଗ୍ରାମାଞ୍ଚଳରୁ ସାଧାରଣ ଗରିବ ଲୋକଟିଏ ବିଭିନ୍ନ ସମୟରେ ସହରକୁ କୌଣସି ସରକାରୀ କାର୍ଯ୍ୟ କିମ୍ବା ମେଡିକାଲ କାମରେ ଆସିଥିବା ବେଳେ କମ ମୂଲ୍ୟରେ କିଭଳି ଲୋକଙ୍କୁ ପେଟପୁରା ଖାଦ୍ୟ ଯୋଗାଇଦେବା ନିମନ୍ତେ ଆହାର କେନ୍ଦ୍ର ମାନ ଖୋଲାଯାଇଛି । ତେବେ ଆହାର କେନ୍ଦ୍ରରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଲୋକମାନେ ନବନିର୍ବାଚିତ ବିଧାୟକଙ୍କୁ ଅଭିଯୋଗ କରିଛନ୍ତି। ନିମ୍ନମାନର ଚାଉଳରେ ଭାତ ହେଉଥିବା ବେଳେ ଡାଲି ମଧ ଅତି ନିମ୍ନମାନର ବୋଲି ଲୋକମାନେ ଅଭିଯୋଗ କରିଥିଲେ। ସରକାର ଆହାର କେନ୍ଦ୍ର ପାଇଁ ଜଣଙ୍କ ପିଛା ୩୨ ଟଙ୍କା ଦେଉଥିବା ବେଳେ ଲୋକମାନଙ୍କଠାରୁ ମାତ୍ର ପାଞ୍ଚ ଟଙ୍କା ନେଇ ଆହାର ଯୋଗାଇ ଦିଆଯାଉଛି । କିନ୍ତୁ ଖାଦ୍ୟ ଏତେ ନିମ୍ନମାନର କାହିଁକି ହେଉଛି ବୋଲି ପଚାରିବା ସହ ଏଭଳି ଅସୁବିଧାକୁ ପ୍ରଶାସନ କାହିଁକି ତଦାରଖ କରୁନାହିଁ ବୋଲି ବିଧାୟକ ନାୟକ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିଥିଲେ । ଯେଭଳି ଭାବେ ଲୋକଙ୍କୁ ଉତ୍ତମମାନର ଖାଦ୍ୟ ଦିଆଯିବ ତାହା ପ୍ରତି ଗୁରୁତ୍ୱ ଦେବାକୁ ବିଧାୟକ କହିଥିଲେ ।

### ବୁଗୁଡ଼ାରେ ରୋଡ୍ ରୋମିଓଙ୍କ ପ୍ରାଦୁର୍ଭାବ ବୃଦ୍ଧି

ବୁଗୁଡ଼ା,୯।୭(କାଳି ଚରଣ ଦାଶ)

ବୁଗୁଡ଼ା ସହରର ବିଭିନ୍ନ ଛକ ଏବଂ ରାସ୍ତାରେ ରୋମିଓଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଟାର୍ଗେଟରେ ନାବାଳିକା ଟ୍ୟୁଶନ ଛାତ୍ରୀ ରହିଥିବାରୁ ଅଭିଭାବକଙ୍କୁ ଚିନ୍ତା ଘାରିଛି। ଏହି ରୋଡ୍ ରୋମିଓମାନେ ସକାଳେ ଓ ସନ୍ଧ୍ୟାରେ ପଞ୍ଚାପାତ୍ର ଗଳିଛକ, ଜିଇଓ ଅଫିସ୍ ଗଳି ଏବଂ ବ୍ଲକ ଛକ ଆଖପାଖରେ ଆଡ୍ଡା ଜମାଇ ଟ୍ୟୁଶନ ଯାଉଥିବା ଛାତ୍ରୀମାନଙ୍କୁ କମେଣ୍ଟ କରୁଛନ୍ତି। ପୂର୍ବରୁ ପୋଲିସର ଏହି ରୋମିଓମାନଙ୍କ ପ୍ରତି ଲଗାମ ଥିବା ବେଳେ ଏବେ ପୂରା ଢିଲା କରି ଦେବାରୁ ପୁଣି ସେମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଛି। ଏଣୁ ପୋଲିସ କଡା ପଦକ୍ଷେପ ନେବା ନିହାତି ଜରୁରୀ ବୋଲି ସାଧାରଣରେ ଦାବି ହେଉଛି।

# ପରିବେଶବିତ୍‌ଙ୍କ ଋଷିକୁଲ୍ୟା ସୁରକ୍ଷା ଚିନ୍ତା

ଧରାକୋଟ,୯।୭(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲାର ଜୀବନ ରେଖା ହେଉଛି ଋଷିକୁଲ୍ୟା ନଦୀ। ଜମିକୁ ଜଳସେଚନ ଓ ପିଇବା ପାଣି ସବୁ କ୍ଷେତ୍ରରେ ଏହି ନଦୀ ଜିଲାବାସୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସଂପ୍ରତି ଏହି ନଦୀ ଉପରେ ପିପଲପଙ୍କାଠାରେ ଏକ ବ୍ୟାରେଜ ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାହେଲେ ତଳ ମୁଣ୍ଡରେ ଜଳ ପ୍ରବାହ କ୍ଷୀଣ ହେବା ଦ୍ୱାରା ନଇ କୂଳିଆ ଲୋକେ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟ ପଟରେ ନଦୀରୁ ଅବାଧରେ ବାଲି ଚାଲାଣ ହେଉଛି । ନଦୀରେ ଲଟାବୁଦା ହୋଇ ଥିବାରୁ ନଦୀ ଗତିପଥ ବଦଳାଇବା ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଏହାର ସୁରକ୍ଷା ପାଇଁ ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା, ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକ, ପରିବେଶବିତ ସୁଦୀପ ପଟ୍ଟନାୟକ ପ୍ରମୁଖ ଧରାକୋଟ ନିକଟସ୍ଥ ଜାନବିଲି ଆନିକଟ ଠାରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ସରକାର ବର୍ଷା ଦିନରେ ନଦୀରେ ପ୍ରବାହିତ ଜଳକୁ ଦୁଇ କୂଳରେ ଥିବା ବନ୍ଧ ଏବଂ ନୂତନ ବନ୍ଧ ଖନନ କରି ସଂରକ୍ଷଣ କରନ୍ତୁ, ନଇ କୂଳିଆ ଲୋକଙ୍କ ସମସ୍ୟାର ସମାଧାନ କରନ୍ତୁ, ଗାଇଡ ଲାଇନ ଅନୁଯାୟୀ ନଦୀ ଗର୍ଭରୁ ବାଲି ଉତ୍ତୋଳନ କରାଯାଉ ଓ ବାହାର ରାଜ୍ୟ ଏବଂ ଜିଲାକୁ ବାଲି ଚାଲାଣ ବନ୍ଦ କରାଯାଉ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସରକାର ଶିଳ୍ପ ସଂସ୍ଥାକୁ ଜଳଦାନ କରି ଋଷିକୂଲ୍ୟାକୁ ମୃତ ନଦୀରେ ପରିଣତ କରିବା ପାଇଁ ଯୋଜନା କରୁଥିବାରୁ ଏହାକୁ ଜୋରଦାର ବିରୋଧ କରାଯିବ। ଆଗାମୀ ଦିନରେ ଜାନିବିଲି ଓ ପିପଲପଙ୍କା ଠାରେ ଜନ ସାଧାରଣଙ୍କୁ ନେଇ ବୈଠକ କରାଯିବ ବୋଲି ଋଷିକୁଲ୍ୟା ନଦୀ ସୁରକ୍ଷା ଅଭିଯାନର କର୍ମକର୍ତ୍ତା କହିଛନ୍ତି।

# ସ୍ୱେଚ୍ଛାସେବୀଙ୍କୁ ପ୍ରଶଂସା କଲେ ମୁଖ୍ୟ ସଚିବ

ଛତ୍ରପୁର,୯।୭ (ସନ୍ତୋଷ ପାଢ଼ୀ)



ମୁଖ୍ୟ ସଚିବଙ୍କ ସହ ସେବା ପ୍ରତିନିଧି ଦଳର ସଦସ୍ୟମାନେ

ଚଳିତ ବର୍ଷର ରଥଯାତ୍ରାରେ ଦେଖିବାକୁ ମିଳିଥିଲା ଅଗଣିତ ଭକ୍ତଙ୍କର ଭିଡ଼। ପ୍ରବଳ ଗୁଳୁଗୁଳି ଓ ଭିଡ଼ ପାଇଁ ଅନେକ ଭକ୍ତ ଅଣନିଶ୍ୱାସୀ ହୋଇ ବେହୋସ ହେଇପଡ଼ିଥିଲେ। ସେହିପରି ଭିଡରେ ଫାଇଦା ଉଠାଇ କିଛି ଅସାମାଜିକ ବ୍ୟକ୍ତି ଅନ୍ୟ ଲୋକଙ୍କର ଜିନିଷପତ୍ର ବି ଚୋରି କରିବାର ଖବର ମିଳିଥିଲା। କିନ୍ତୁ ପୂର୍ବରୁ ପ୍ରସ୍ତୁତ ଥିବା ୨୫୦ଜଣିଆ ସେବା ପ୍ରତିନିଧି ଦଳର ସଦସ୍ୟମାନେ ସବୁ ଜାଗାରେ ସଜାଗ ରହି ଉତ୍କୃଷ୍ଟ ସେବାର ନିଦର୍ଶନ ଦେଖାଇ ପ୍ରଶଂସା ଭସାଉଁଛନ୍ତି।

ସବୁଠୁ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ଥିଲା ସନ୍ଧ୍ୟା ସମୟରେ ଯେତେବେଳେ ରଥ ନିକଟରେ ଦଳା ଚକଟା ଘଟିଲା ଓ ଷ୍ଟ୍ରେଚରର ଅଭାବ ରହିଥିଲା ତଥା ଭିଡରେ ଆହତଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା କାଠିକର ପାଠ ଲାଗୁଥିଲା, ଠିକ ସେତିକିବେଳେ ସେବା ପ୍ରତିନିଧିର ଦୁର୍ଯ୍ୟୋଧନ ସୱାଇଁ, ସୁଶାନ୍ତ ଗୌଡ଼, ମାଧବ ସାସମଲ, ମାନସ ନାୟକ ଓ ପ୍ରିୟବ୍ରତ ସାହୁ, ଛତ୍ରପୁର ଏସଡ଼ିଜେଏମ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଗୁରୁତର ଆହତଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ ଓ ବିଷମ ପରିସ୍ଥିତିରେ ଫସିଥିବା ଗୁରୁତର ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ପରେ ଏହି କାର୍ଯ୍ୟର ପ୍ରତ୍ୟକ୍ଷ ଭାବେ ତଦାରଖ କରୁଥିବା ଓଡିଶାର ନୂତନ ଶାସନ ସଚିବ ମନୋଜ ଆହୁଜା ଉକ୍ତ ସଦସ୍ୟଙ୍କୁ ପ୍ରଶଂସା କରିବା ସହ ଆହୁରି ଉତ୍ତମ ସେବା ଯୋଗାଇବାକୁ ଉତ୍ସାହିତ କରିଥିଲେ। ସେହିପରି ଭିଡରେ ଦୁଇ ଅଲଗା ଅଲଗା ଘଟଣାରେ ନିଜର କାଗଜପତ୍ର ଓ ପଇସା ହଜାଇଥିବା ଦୁଇଜଣଙ୍କୁ ଛତ୍ରପୁରର ନିରାକାର ସାହୁ ଓ ଜଗନ୍ନାଥ ପାତ୍ର ତଥା ରାମଚଣ୍ଡୀ ମନ୍ଦିରରେ କାମ କରୁଥିବା ଉପେନ୍ଦ୍ର ବେହେରା ଓ ଗୋପାଳ କୃଷ୍ଣ ପଣ୍ଡା ଯଥା ସମ୍ଭବ ସାହାଯ୍ୟ କରି ତାଙ୍କର ଟଙ୍କା ପଇସା ଓ କାଗଜପତ୍ର ଥିବା ପର୍ସ ଖୋଜି ଦେବା ସହ ଚୋରକୁ ଧରି ପୋଲିସ ଜିମାରେ ଦେଇଥିଲେ। କଳାକାର ବିକାଶ ମହାରଣା, ଓକିଲ ବିଜୟ ଜେନା, ଲସିତ ବେହେରା, ଅନୁଗୁଳ ସେବା ଦଳର ସମୀର ପ୍ରଧାନ, ସଂଗ୍ରାମ ପ୍ରଧାନ, ହଟକିଶୋର ଦେହୁରୀ, ଛତ୍ରପୁରର ଆଇ.ଆର.ଇ.ରେ କାର୍ଯ୍ୟରତ ଟୁଟୁ ନାୟକ ଓ ମନୋରଞ୍ଜନ ବେହେରା ଓ ଇଂଜିନିଅର ବିଶ୍ୱଜିତ ପ୍ରଧାନ ତାଙ୍କୁ ସହଯୋଗ କରିଥିଲେ।

### ଅଭିଯୋଗ ଶୁଣାଣିକୁ ଆସିଲେନି ଜିଲାପାଳ

କବିସୂର୍ଯ୍ୟନଗର,୯।୭ (କୃପାସିନ୍ଧୁ ସ୍ୱାଇଁ)

ନିରାଶ ହେଲେ ଅଭିଯୋଗକାରୀ। ଅଭିଯୋଗ ଶୁଣାଣିକୁ ଆସିଲେନି ଜିଲାପାଳ। କବିସୂର୍ଯ୍ୟନଗର ବ୍ଲକରେ ସୋମବାର ଅଭିଯୋଗ ଶୁଣାଣି ହୋଇଥିଲା। ବହୁ ଅଭିଯୋଗକାରୀ ସେମାନଙ୍କର ଅଭିଯୋଗ ଜିଲାପାଳଙ୍କୁ ଶୁଣାଇବାକୁ ଆସିଥିଲେ। ହେଲେ ଜିଲାପାଳଙ୍କ ଦେଖା ନଥିଲା। ଅତିରିକ୍ତ ଜିଲାପାଳ,ଉପଜିଲାପାଳ, ଏସପିଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ହୋଇଥିଲା। ଖାଲି ସେତିକି ନୁହେଁ, ଅଭିଯୋଗ ଶୁଣାଣି ସମୟରେ ସ୍ଥାନ ଅଭାବ ଯୋଗୁ ଅଭିଯୋଗକାରୀ ବସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପାନୀୟ ଜଳ ମଧ ନଥିଲା। ଏ ନେଇ ଅଭିଯୋଗକାରୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା।

### ଶିକ୍ଷୟିତ୍ରୀଙ୍କ ଡେପୁଟେଶନ ପ୍ରତ୍ୟାହାର ଦାବି

ଗଞ୍ଜାମ,୧୦।୭(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ନୀଳାଦ୍ରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷୟିତ୍ରୀ ପ୍ରିୟଙ୍କା ପଲେଇଙ୍କୁ ଗଞ୍ଜାମ ସାନବଜାର ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଛି। ଏ ନେଇ ଉକ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେଣୁ ଡେପୁଟେଶନ ପ୍ରତ୍ୟାହାର ପାଇଁ ଗଞ୍ଜାମ ବିଇଓଙ୍କୁ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷୟିତ୍ରୀଙ୍କ ନିଷ୍ଠାପର କାର୍ଯ୍ୟ ତଥା ପାଠ ପଢ଼େଇବା କାର୍ଯ୍ୟ ଶୈଳୀ ଯୋଗୁ ପିଲାମାନେ ଉତ୍ତମ ଶିକ୍ଷା ଗ୍ରହଣ କରୁଛନ୍ତି। ଉକ୍ତ ଶିକ୍ଷୟିତ୍ରୀ ଡେପୁଟେଶନରେ ଗଲେ ଏହି ସ୍କୁଲ ଛାତ୍ରୀଛାତ୍ର ଭବିଷ୍ୟତ ନଷ୍ଟ ହୋଇଯିବ ବୋଲି ଦାବି ପତ୍ରରେ ଉଲ୍ଲେଖ ରହିଛି।

# ସୋରଡ଼ା ବିଧାୟକଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବେଲଗୁଣ୍ଠା,୯।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଗାଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ପାଇଁ ୧୫୦ ଲିଟର ବିଶିଷ୍ଟ ଏକ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ ସହିତ ଏକ ଥଣ୍ଡା ଏବଂ ଗରମ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ବିଦ୍ୟାଳୟରେ କଟାଇଥିବା ଛାତ୍ର ଜୀବନ ସମ୍ପର୍କରେ ସ୍ମୃତି ଚାରଣ କରିବା ସହ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ବିଦ୍ୟାଳୟ ପକ୍ଷରୁ ବିଧାୟକ ବିଷୋୟୀଙ୍କୁ ଉପଢ଼ୌକନ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଧାୟକ ବିଷୋୟୀ ବିଦ୍ୟାଳୟର ପିଲାଙ୍କ ପାଇଁ ଆସୁଥିବା ମଧ୍ୟାହ୍ନଭୋଜନର ମାନ ଯାଞ୍ଚ କରି ଅସନ୍ତୋଷ ପ୍ରକାଶ କରିବା ସହିତ ଏ ଦିଗରେ ଉପରିସ୍ଥ ଅଧିକାରୀ ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ଡାକୁଆ, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଶଙ୍କର ବିଷୋୟୀ, ଯୁବ ସାମାଜିକ କର୍ମୀ ଜିତେନ୍ଦ୍ର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଶିବରାମ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ପରିଡ଼ା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଆକୁଳ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିକ୍ଷକ ଶିବରାମ ମହାନ୍ତି, ସତ୍ୟନାରାୟଣ ପ୍ରଧାନ, ପ୍ରକାଶ ଗୌଡ଼, ନାରାୟଣ ସାହୁ, ଶିକ୍ଷୟିତ୍ରୀ ଅଳକା ମହାପାତ୍ର, ପିଙ୍କି ଦଳାଇ, ଦୀପା ପ୍ରଧାନ, ସ୍ମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ସନିତ୍ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ତରଭାରେ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୯।୭ (ଗିରିଧାରୀ ପରିଚ୍ଛା): ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ତରଭା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସାତୀ ଏସ. କୁମାର ଅଭିଯୋଗ ଶୁଣାଣିରେ ଯୋଗଦେଇଥିଲେ। ମୋଟ ୧୨୬ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୮୭ଟି, ଗ୍ରାମ ଭିତ୍ତିକ ସମସ୍ୟା ୩୯ଟି ଓ ୫୧ଟି ଅଭିଯୋଗକୁ ତୁରନ୍ତ ଫଇସଲା କରାଯାଇ ସମାଧାନ କରାଯାଇଛି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ତିନି ଜଣଙ୍କୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ କାର୍ଡ, ଶିକ୍ଷା, ଜଳ ସେଚନ ରାସ୍ତା ସମସ୍ୟା ଇତ୍ୟାଦି ଅଭିଯୋଗ ଆସିଥିଲା।

# ଋଷିକୁଲ୍ୟା କୂଳରେ ଚାରା ରୋପଣ

ଗଞ୍ଜାମ,୯।୭(ବିଦ୍ୟାଧର ସାହୁ)

ଇକୋ ୱାରିୟର, ଗଞ୍ଜାମ ପକ୍ଷରୁ ଏକ ସପ୍ତାହ ବ୍ୟାପୀ ଚାରାରୋପଣ, ଚାରାବଣ୍ଟନ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନ ମହୋତ୍ସବର ଏକ ସପ୍ତାହ ମଧ୍ୟରେ ଋଷିକୁଲ୍ୟା ନଦୀତଟ, ମିନି ଷ୍ଟାଡିୟମ, ପୁଇଁତୋଳା କନକ ଦୁର୍ଗାମନ୍ଦିର, ସୂର୍ଯ୍ୟନାରାୟଣପୁର, କାଇଁଚପୁର ଋଷିକୁଲ୍ୟା ନଦୀଘାଟ, ଗଞ୍ଜାମ କଲେଜ ରୋଡ଼, ଗଞ୍ଜାମ କାଳୀ ମନ୍ଦିର ଆଦି ସ୍ଥାନରେ ବିଭିନ୍ନ ଔଷଧୀୟ ଚାରାରୋପଣ କରାଯାଇଥିଲା। ବନ ମହୋତ୍ସବ ସପ୍ତାହର ଶେଷଦିନରେ ଋଷିକୁଲ୍ୟା ନଦୀତଟରେ ୧୦୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ ସହ ଗଞ୍ଜାମ ବଡ଼ ବଜାରରେ ବିଭିନ୍ନ କିସମର ଚାରା ବଣ୍ଟନ କରି ବୃକ୍ଷରୋପଣ ପାଇଁ ସଚେତନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଋଷିକୁଲ୍ୟା ମୁହାଣ କୂଳ କ୍ଷୟ ହେଉଥିବା ଯୋଗୁ ଆଗାମୀ ଦିନରେ ନଦୀତଟରେ ପୋଷ୍ୟ ରୂପରେ ଗ୍ରହଣ କରାଯାଇ ୫୦୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯିବ ବୋଲି ଇକୋ ୱାରିୟର ସଦସ୍ୟମାନେ କହିଛନ୍ତି। କାର୍ଯ୍ୟକ୍ରମରେ ଇକୋ ୱାରିୟର ପରିବାରର ପ୍ରଭାତ ବିଶ୍ୱାଳ, ଅଖିଳ ତରାଇ, ସୀମାଞ୍ଚଳ ଦାସ, ସନ୍ତୋଷ ତରାଇ, ସମରେଶ ପ୍ରଧାନ, ପ୍ରଣବ ପ୍ରଧାନ, ଗୁରୁନାଥ ରେଡ୍ଡୀ, ପ୍ରଭାତ ସାହୁ, ଦୁର୍ଯ୍ୟୋଧନ ରେଡ୍ଡୀ, ଆକାଶ ଗୌଡ଼, ସନ୍ତୋଷ ରାଉଳ, ଅକ୍ଷୟ ପଲାଇ, କିରତ ରେଡ୍ଡୀ, ପୂର୍ଣ୍ଣଚନ୍ଦ୍ର ରେଡ୍ଡୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ସିକ୍ୟୁରିଟି ଟଙ୍କା ଜମା ନିର୍ଦ୍ଦେଶ ପ୍ରତ୍ୟାହାର ଦାବିରେ ଆନ୍ଦୋଳନ

## ଟିପିଏସଓଡିଏଲ ଡିଭିଜନ କାର୍ଯ୍ୟାଳୟ

ପୁରୁଷୋତ୍ତମପୁର,୯।୭(ସିମାଞ୍ଚଳ ମିଶ୍ର)





ଆନ୍ଦୋଳନରତ କର୍ମଚାରୀମାନେ।

ପୁରୁଷୋତ୍ତମପୁର ବିଦ୍ୟୁତ ବିଭାଗୀୟ (ଟିପିଏସଓଡିଏଲ) ଡିଭିଜନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଲ୍ କଲେକ୍ସନ ଦାୟିତ୍ୱରେ ଥିବା କର୍ମଚାରୀମାନେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେବା ସହ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। କର୍ମଚାରୀମାନେ ଦାବି କରିଛନ୍ତି ଯେ, ସେମାନେ ଦୀର୍ଘବର୍ଷ ହେଲା ତାଙ୍କର ଦାୟିତ୍ୱ ବିଭିନ୍ନ ଏଜେନ୍ସିମାନ ଜରିଆରେ କରିଆସୁଛନ୍ତି। ବର୍ତ୍ତମାନ ଏହି ବିଲ କଲେକସନ ଦାୟିତ୍ୱ ଏମ୍ପାରିୟର ଏଣ୍ଟରପ୍ରାଇଜର୍ସ ଏଜେନ୍ସି ନେଇଥିବା ବେଳେ ସେ ବିଭିନ୍ନ ଆବଶ୍ୟକୀୟ ପ୍ରମାଣପତ୍ର ସାଙ୍ଗକୁ କର୍ମଚାରୀଙ୍କୁ ୩୦ ହଜାର ଟଙ୍କା ଓ ସୁପର ଭାଇଜରଙ୍କୁ ୫୦ ହଜାର ଟଙ୍କା ସିକ୍ୟୁରିଟି ଭାବରେ ଜମାକରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଏହି ସିକ୍ୟୁରିଟି ଟଙ୍କା ଦାଖଲ ନ କଲେ କାର୍ଯ୍ୟରେ ଯୋଗଦେବାକୁ ସମ୍ପୂର୍ଣ୍ଣ ବାରଣ କରିଛନ୍ତି। କର୍ମଚାରୀମାନେ ଗରିବ ଶ୍ରେଣୀର ଏବଂ ସ୍ୱଳ୍ପ ବେତନରେ ପରିବାର ପ୍ରତିପୋଷଣ କରୁଥିବା ବେଳେ ଏହି ସିକ୍ୟୁରିଟି ଟଙ୍କା ଜମାଦେବାକୁ ସମ୍ପୂର୍ଣ୍ଣ ଅକ୍ଷମ। ଏଣୁ ଏହି ସିକ୍ୟୁରିଟି ଜମା ଟଙ୍କା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାରକରି ପୁନଃ ନିଯୁକ୍ତି ଦିଆଯାଉ। ଏହି ଆନ୍ଦୋଳନରେ ପୁରୁଷୋତ୍ତମପୁର, ତାରାତାରିଣୀ, ପୋଲସରା, ଚିକିଟିପଡା, କୋଦଳା ଓ ବେଗୁନିଆପଡା ସେକସନ ଅଧିନରେ ବିଲ କଲେକସନ ଦାୟିତ୍ୱରେ ଥିବା ବହୁସଂଖ୍ୟକ କର୍ମଚାରୀ ଯୋଗ ଦେଇଥିଲେ।

